Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 248
Friday, 14 November 2025
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୪ ନଭେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବ୍ରିଜରେ ୬ଟି ଗାଡ଼ିକୁ ଧକ୍କା ଦେଲା ଟ୍ରକ୍ : ୮ ଜୀବନ୍ତ ଦଗ୍ଧ

ପୁଣେ, ୧୩।୧୧(ନ୍ୟୁ.ଏ): ପୁଣେର ନାଭାଲେ ବ୍ରିଜରେ ଭୟଙ୍କର ସଡ଼କ ଦୁର୍ଘଟଣା । ଗୁରୁବାର ଘଟିଥିବା ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପ୍ରାୟ ୨୦ ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି । ଦୁଇଟି ଟ୍ରକ୍ ଏବଂ ଗୋଟିଏ କାରରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣା ବେଙ୍ଗାଲୁରୁ-ମୁମ୍ବାଇ ହାଇୱେ ନମ୍ବର ୪ରେ ଘଟିଛି । ରିପୋର୍ଟ ଅନୁସାରେ, ସତାରାରୁ ମୁମ୍ବାଇ ଯାଉଥିବା ରାଜସ୍ଥାନ ନମ୍ବର ପ୍ଲେଟ ଥିବା ଏକ ଟ୍ରକ ହଠାତ୍ ନିୟନ୍ତ୍ରଣ ହରାଇଲା । ଟ୍ରକଟି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ନିୟନ୍ତ୍ରଣ ହରାଇ ଚାଲିବା ସହ କଂଟେନର, ଟେମ୍ପୋ, ମିନିବସ୍, କାର, ଦୁଇଚକିଆ ଯାନ ଏବଂ ଅନେକ ଛୋଟ ଯାନକୁ ଧକ୍କା ଦେଇଥିଲା । କୁହାଯାଇଛି ଯେ, ଦ୍ରୁତ ଗତିରେ ଯାଉଥିବା ଟ୍ରକର ବ୍ରେକ୍ ଫେଲ୍ ହୋଇଯାଇଥିଲା, ଯାହା ଫଳରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ । ଟ୍ରକଟି ଆଗରେ ଥିବା ଏକ କଂଟେନରକୁ ମଧ୍ୟ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରରେ ଥିଲା ଯେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା । ଦୁର୍ଭାଗ୍ୟବଶତଃ, ଦୁଇଟି ଗାଡ଼ି ମଧ୍ୟରେ ଏକ କାର ମଧ୍ୟ ଫସି ଯାଇଥିଲା ଏବଂ ସମସ୍ତ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଟ୍ରକର ବ୍ରେକ୍ ଫେଲ୍ ହୋଇଥିବା ଡ୍ରାଇଭରଙ୍କ ମଧ୍ୟ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ପାଇବା ମାତ୍ରେ ପୁଣେ ପୋଲିସ ଏବଂ ଜରୁରୀକାଳୀନ ସେବା ଘଟଣାସ୍ଥଳକୁ ପହଂଚିଥିଲା । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଅନେକ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ଗାଡ଼ି ନିୟୋଜିତ କରାଯାଇଥିଲା । ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର, ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏକ ଟ୍ରକର ବ୍ରେକ୍ ଫେଲ୍ ହୋଇଯାଇଥିଲା ଏବଂ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ବ୍ରିଜରେ ଜୋରଦାର ଜାମ୍ ଲାଗି ରହିଥିଲା । ଟ୍ରାଫିକ୍ ପୋଲିସ ସତାରାରୁ ମୁମ୍ବାଇ ଯାଉଥିବା ଲେନ୍‌କୁ ପୁରା ବନ୍ଦ କରିଦେଇଛନ୍ତି ।

ଦିଲ୍ଲୀ ବିସ୍ଫୋରଣରେ ଅମିତ୍ ଶାହଙ୍କ ଚେତାବନୀ, ଏମିତି ସଜା ଦେବୁ ଦେଖିବ ଦୁନିଆ

ନୂଆଦିଲ୍ଲୀ, ୧୩।୧୧(ନ୍ୟୁ.ଏ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀର ଲାଲ୍ କିଲ୍ଲା ବିସ୍ଫୋରଣକୁ ନେଇ ଦେଇଛନ୍ତି କଡ଼ା ଚେତାବନୀ । ସେ କହିଛନ୍ତି ଯେ, ଏହି ବିସ୍ଫୋରଣର ଦୋଷୀଙ୍କୁ ଦିଆଯିବାକୁ ଥିବା ସଜା ଏତେ କଠୋର ହେବ ଯେ, ପୂରା ଦୁନିଆ ଦେଖିବ, ଏବଂ ଏଥିରୁ ଭବିଷ୍ୟତରେ କୌଣସି ବି ବ୍ୟକ୍ତି ଆମ ଦେଶରେ ଏହିପରି ହମଲାର ସାହସ କରି ପାରିବନି । ଅମିତ ଶାହ ଗୁଜରାଟର ମୋତି ଭାଇ ଚୌଧୁରୀ ସାଗର ସୈନିକ ସ୍କୁଲର ଏକ କାର୍ଯ୍ୟକ୍ରମକୁ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସମ୍ବୋଧିତ କରି ଉକ୍ତ କଥା କହିଛନ୍ତି । ସେ ଜୋର ଦେଇ କହିଛନ୍ତି ଯେ, ଏମିତି ଘଟଣା ବିରୋଧରେ ଜିରୋ ଟଲରେନ୍ସର ନୀତି ଗ୍ରହଣ କରାଯିବ । କହି ରଖୁଛୁ ଯେ,ସୋମବାର ସନ୍ଧ୍ୟାରେ ଲାଲ କିଲ୍ଲା ମେଟ୍ରୋ ଷ୍ଟେସନର ନିକଟରେ ଏକ ମନ୍ଥର ଗତିରେ ହୋଇଥିବା ଆଇ-୨୦ କାରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏହି ଦୁର୍ଘଟଣାରେ ୧୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଆହୁରି ଅନେକ ଆହତ ହୋଇ ଥିଲେ । ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, ଆଖପାଖର ଅନେକ ଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରେ ସଂପୃକ୍ତ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବର୍ତ୍ତମାନ ଯାଂଚ ଏଜେନ୍ସିମାନେ ମାମଲାର ଯାଂଚ କରୁଛନ୍ତି । କହି ରଖୁଛି କି, ପ୍ରାରମ୍ଭିକ ଯାଂଚରେ ଜଣାପଡ଼ିଛି ଯେ, ଦିଲ୍ଲୀରେ ହୋଇଥିବା ଏହି ଧମାକାର ସମ୍ବନ୍ଧ ଫରିଦାବାଦରେ ନିକଟରେ ଧରାଯାଇ ଥିବା ଏକ ଆତଙ୍କ ନେଟୱାର୍କ ସହ ରହିଛି । ସନ୍ଦେହ ଘେରରେ ଆସିଥିବା ଅନେକ ଲୋକଙ୍କୁ ପୂର୍ବରୁ ହିଁ ଗିରଫ କରି ନିଆଯାଇଛି । ଯିଏ ଫେରାର ଅଛନ୍ତି , ତାଙ୍କର ତଲାସରେ ଯାଂଚ ଏଜେନ୍ସିମାନେ ଲଗାତାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । କେବଳ ଏତିକି ନୁହେଁ, ଏହି ଘଟଣା ପରେ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟ ଯାଂଚର ପରିସରକୁ ଆସିଛି । ଉଲ୍ଲେଖନୀୟ ଯେ, ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସୁରକ୍ଷା ସମିତି (ସିସିଏସ)ର ବୈଠକରେ ମୋଦି ସରକାର ଦିଲ୍ଲୀର ଲାଲ କିଲ୍ଲାର ଆଖପାଖରେ ୧୦ ନଭେମ୍ବରରେ ହୋଇଥିବା କାର ବିସ୍ଫୋରଣକୁ ସ୍ପଷ୍ଟ ଭାବେ ଆତଙ୍କବାଦୀ ଘଟଣା ଦର୍ଶାଇ ଥିଲା । ବୈଠକରେ ଏହି ଦୁର୍ଘଟଣାର କଡ଼ା ନିନ୍ଦା କରାଯାଇଛି ତଥା ମୃତକଙ୍କ ପରିବାର ପ୍ରତି ସମ୍ବେଦନା ପ୍ରକାଶ କରାଯାଇଛି ।

ବାଲିଯାତ୍ରାରେ ଶ୍ରେୟାଙ୍କ ସୋ'ରେ ଠେଲାପେଲା : ପୁଲିସ ସହ ଲୋକଙ୍କ ହାତାହାତି

କଟକ, ୧୩।୧୧ (ଆ.ପ୍ର) : ବାଲିଯାତ୍ରାରେ ଠେଲାପେଲା । କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ସୋ' ରେ ପୁଲିସ ବାରିକେଡିଂ ଯୋଗୁଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଛି । ଠେଲାପେଲାରେ ଜଣେ ମହିଳା ଆହତ ହୋଇଥିବା ବେଳେ ଜଣେ ଯୁବତୀ ଅଚେତ ହୋଇଛି । କଣ୍ଠଶିଳ୍ପୀ ଶ୍ରେୟା ଘୋଷଲାଙ୍କ ସୋ' ଦେଖିବାକୁ ଲୋକଙ୍କ ଭିଡ ହୋଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ ଲୋକେ ବ୍ୟାରିକେଡ ଭାଙ୍ଗି ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏପରିକି ପୁଲିସ ଓ ଲୋକ ହାତାହାତି ହୋଇଥିଲେ । ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଛି । ଭିଡ଼ରେ ଜଣେ ମହିଳା ଆହତ ହୋଇଥିବା ବେଳେ ଜଣେ ଯୁବତୀ ଅଚେତ୍ ହୋଇଥିଲେ ।ସଙ୍ଗେ ସଙ୍ଗେ ଉଦ୍ଧାର କରି ଚିକିତ୍ସା ପାଇଁ ସହାୟତା କେନ୍ଦ୍ରକୁ ନିଆଯାଇଛି । ଆଜି ବାଲିଯାତ୍ରାର ଶେଷ ଦିନ ପାଇଁ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା । ଏହାଛଡା ପ୍ରସିଦ୍ଧ ବଲିଉଡ ସିଙ୍ଗର ଶ୍ରେୟା ଘୋଷାଲ ନାଇଟ ବି ଚାଲିଛି । ପ୍ରବଳ ଭିଡ ଯୋଗୁଁ ଠେଲାପେଲା ହୋଇଛି । ଗତକାଲି ବି ରାତିରେ ଦୋଳି ଅଟକିଯାଇଥିଲା । ଫଳରେ ମଝି ଆକାଶରେ ୮ ଜଣ ଯାତ୍ରୀ ଫସିରହିଥିଲେ ।

ଏସ୍‌ଆଇ କେଲେଙ୍କାରୀ ତନାଘନା, ମାମଲା ରୁଜୁ କଲା ସିବିଆଇ

ଭୁବନେଶ୍ୱର, ୧୩।୧୧ (ଆ.ପ୍ର) : ପୋଲିସ ଏସଆଇ ନିଯୁକ୍ତି ସ୍କାମ ତଦନ୍ତରେ ବଡ଼ ଅପଡେଟ୍ । ବିଜ୍ଞପ୍ତି ପ୍ରକାଶ ପରେ ମାମଲା ରଜୁ କଲା ସିବିଆଇ । ଭୁବନେଶ୍ୱର ସ୍ଥିତ ସିବିଆଇ ଶାଖା ପକ୍ଷରୁ ମାମଲା ରୁଜୁ କରି ଘଟଣାର ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି । ଜଣେ ଡିଏସପି ପାହ୍ୟାର ଅଫିସରଙ୍କୁ ତଦନ୍ତ ଭାର ଦିଆଯାଇଛି । ସଂପୃକ୍ତ ଡିଏସପିଙ୍କ ନେତୃତ୍ୱରେ ଗଠିତ ଟିମ୍ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ । ପୂର୍ବରୁ ଏହି ମାମଲାର ତଦନ୍ତ କ୍ରାଇମବ୍ରାଂଚ କରୁଥିବାରୁ ଏହାର ସମସ୍ତ ଦସ୍ତାବିଜ ମାଗିଛି ସିବିଆଇ । ପୁରା ସ୍କାମର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପ୍ରୁଷ୍ଟିର ଘନିଷ୍ଠ ସାଗର ଗୌଡ଼କୁ ବାନ୍ଧିଛି ତଦନ୍ତକାରୀ ସଂସ୍ଥା । ସାଗରକୁ ନୋଟିସ ଦେଇ କ୍ରାଇମବ୍ରାଂଚ ଅଫିସକୁ ଡାକିବା ପରେ ଗିରଫ କରିଛି କ୍ରାଇମବ୍ରାଂଚ । ଏହାରି ଭିତରେ କ୍ରାଇମବ୍ରାଂଚ ଜାଣିବାକୁ ପାଇଛି ସାଗର ଜରିଆରେ ଏଜେଂଟଙ୍କ ସହ ଲିଙ୍କରେ ଆସୁଥିଲା ଶଙ୍କର । ଦୀଘା ମଡ୍ୟୁଲର ମାଷ୍ଟରମାଇଣ୍ଡ ଥିଲା ସାଗର । ଯେଉଁଠି ୧୧୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଦଲାଲ ଅରବିନ୍ଦ ବାସ ଜରିଆରେ ହୋଇଥିଲା ହୋଟେଲ ବୁକ । ଏପରିକି ସମସ୍ତ ବ୍ୟବସ୍ଥା ସଂପର୍କରେ ଯାଂଚ କରିବା ପାଇଁ ଗତ ୨୯ ସେପ୍ଟେମ୍ବରରେ ସାଗର ଦୀଘା ମଧ୍ୟ ଯାଇଥିଲା ବୋଲି ପ୍ରମାଣ ପାଇଛି କ୍ରାଇମବ୍ରାଂଚ । କ୍ରାଇମବ୍ରାଂଚ ପରେ ସିବିଆଇ ତଦନ୍ତରେ ଅନେକ ଗୁମର ଖୋଲିବା ନେଇ ରହିଛି ଆଶା । ଏଣେ ଆଇନମନ୍ତ୍ରୀ କହିଛନ୍ତି, ଘଟଣାକୁ ନେଇ ଆଶାୟୀ ପରୀକ୍ଷାର୍ଥୀଙ୍କ ମନରେ ଯେଉଁଭଳି କୌଣସି ଦ୍ୱନ୍ଦ ରହିବ ନାହିଁ ସେଥିପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି ।

ଅହମ୍ମଦାବାଦ ବିମାନ ଦୁର୍ଘଟଣା : ପ୍ରାରମ୍ଭିକ ରିପୋର୍ଟରେ ପାଇଲଟଙ୍କର ନାହିଁ କୌଣସି ଦୋଷ

ନୂଆଦିଲ୍ଲୀ, ୧୩।୧୧(ନ୍ୟୁ.ଏ): ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମ୍ପର୍କରେ କେନ୍ଦ୍ର ସରକାର ଆଜି (ଗୁରୁବାର) ଏକ ବଡ଼ ବିବୃତି ଜାରି କରିଛନ୍ତି । ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ପ୍ରାଥମିକ ତଦନ୍ତ ରିପୋର୍ଟରେ ପାଇଲଟଙ୍କୁ କୌଣସି ଦୋଷ ଦିଆଯାଇ ନାହିଁ । ଘଟଣାକୁ ନେଇ କିଛି ଗଣମାଧ୍ୟମ ରିପୋର୍ଟ ଦ୍ୱାରା ପ୍ରସାରିତ ଭୁଲ ଧାରଣାକୁ ଦୂର କରିବା ପାଇଁ ମନ୍ତ୍ରଣାଳୟ କହିଛି ଯେ ଏହି ସ୍ପଷ୍ଟୀକରଣ ଜାରି କରାଯାଉଛି । ଏହି ବିବୃତି ଏପରି ଏକ ସମୟରେ ଆସିଛି, ଯେତେବେଳେ କି ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(DGCA) ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥା ଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି । ଦୁର୍ଘଟଣାର ନିରପେକ୍ଷ ଏବଂ ବୈଷୟିକ ଭାବରେ ସଠିକ ତଦନ୍ତ ପାଇଁ କ୍ୟାପ୍ଟେନ ସୁମିତ ସବରୱାଲଙ୍କ ପିତା ପୁଷ୍କର ରାଜ ସବରୱାଲଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନର ଜବାବରେ ଏହି ନୋଟିସ ଜାରି କରାଯାଇଛି । ଏକ ପକ୍ଷପାତପୂର୍ଣ୍ଣ ରିପୋର୍ଟକୁ ରୋକିବା ପାଇଁ ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ ତଦାରଖ କରିବାକୁ ଅନୁରୋଧ କରିଛନ୍ତି । ଶୁଣାଣୀ ସମୟରେ, ବିଚାରପତି ସୂର୍ଯ୍ୟକାନ୍ତ ମୃତ ପାଇଲଟଙ୍କ ପିତାଙ୍କୁ ଆଶ୍ୱାସନା ଦେଇ କହିଥିଲେ କି, 'ଏହା ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ଥିଲା, କିନ୍ତୁ ଆପଣଙ୍କ ପୁଅକୁ ଦୋଷ ଦିଆଯିବାର ଭାର ଆପଣ ବହନ କରିବା ଉଚିତ୍ ନୁହେଁ କେହି ବିଶ୍ୱାସ କରନ୍ତି ନାହିଁ ଯେ ଏହା ପାଇଲଟଙ୍କ ଭୁଲ ଥିଲା ।' ବିଚାରପତି ଜୟମାଲ୍ୟ ବାଗଚୀ ଏହା ମଧ୍ୟ କହିଛନ୍ତି ଯେ ପ୍ରାଥମିକ ରିପୋର୍ଟରେ ପାଇଲଟଙ୍କ ତ୍ରୁଟି ଉଲ୍ଲେଖ କରାଯାଇ ନାହିଁ । ଉଲ୍ଲେଖନୀୟ ଯେ ଜୁନ୍ ୧୨, ୨୦୨୩ ରେ, ଏୟାର ଇଣ୍ଡିଆର ବିମାନ AI-୧୭୧ ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର କିଛି ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ଏବଂ ୧୯ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୬୦ ଜଣଙ୍କର ମୃତ୍ୟୁ ହୋଇଥିଲା । ପ୍ରାଥମିକ ରିପୋର୍ଟରେ କୁହାଯାଇଛି ଯେ ବିମାନର ଉଭୟ ଇଞ୍ଜିନର ଇନ୍ଧନ ସ୍ୱିଚ୍ ହଠାତ୍ ରନ୍‌ରୁ କଟଅଫ୍ ମୋଡ୍‌କୁ ପରିବର୍ତ୍ତନ ହୋଇଥିଲା, ଯାହା ଫଳରେ ବିଦ୍ୟୁତ୍ ବନ୍ଦ ହୋଇଯାଇଥିଲା ଏବଂ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

ଦିଲ୍ଲୀ ବିସ୍ଫୋରଣ ପରେ କାଶ୍ମୀରର ୫୦୦ଟି ସ୍ଥାନରେ ଚଢାଉ, ୬୦୦ ଅଟକ

ନୂଆଦିଲ୍ଲୀ, ୧୩।୧୧(ନ୍ୟୁ.ଏ): ଦିଲ୍ଲୀ ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ପରେ ଆକ୍ସନରେ ସୁରକ୍ଷା ଏଜେନ୍ସି । ବିସ୍ଫୋରଣର କନେକ୍ସନ କାଶ୍ମୀର ସହ ଯୋଡି ହୋଇଥିବାରୁ ଏବେ ସନ୍ଦିଗ୍ଧଙ୍କ ତଲାସୀ ଜାରି ରହିଛି । ବିସ୍ଫୋରଣ ପରେ ଏପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ପୋଲିସ ୫୦୦ଟି ସ୍ଥାନରେ ରେଡ୍ କରିଛି ଓ ୬୦୦ ଜଣଙ୍କୁ ଅଟକ ରଖିଛି । ଏହି ଚଢାଉ ଜମାତ-ଇ-ଇସ୍ଲାମୀ ବିରୋଧରେ ହୋଇଛି । ସୁରକ୍ଷା ଏଜେନ୍ସିର କହିବା ଅନୁସାରେ, ଆମକୁ ଏହି ଇନପୁଟ୍ ମିଳିଥିଲା ଯେ, ଜମାତ୍-ଇ-ଇସ୍ଲାମୀ ପୁଣିଥରେ ଜମ୍ମୁ-କଶ୍ମୀରରେ ନିଜର କାୟା ବିସ୍ତାର କରିବାକୁ ପ୍ରସ୍ତୁତି କରୁଛି । ଏହାପରେ ଏହି ଆକ୍ସନ ନିଆଯାଇଛି । ଶ୍ରୀନଗର, କୁଲଗାମ, ପୁଲୱାମା, ସୋପିଆ,ବାରାମୁଲା ସହିତ ବହୁ ଜିଲ୍ଲାରେ ଚଢାଉ ଚାଲିଛି । ଏହା ଭିତରେ ଡାକ୍ତର ମଡ୍ୟୁଲ ଉପରେ ମଧ୍ୟ ଆକ୍ସନ ନିଆଯାଇଛି । ତିନି ସରକାରୀ କର୍ମଚାରୀ ସମେତ ୧୦ ଜଣଙ୍କୁ ପଚରା ଉଚରା ପରେ କଷ୍ଟଡିରେ ନିଆଯାଇଛି । ଅଧିକାରୀମାନେ ଗୁରୁବାର ଏହି ସୂଚନା ଦେଇଛନ୍ତି । ତଦନ୍ତକାରୀ ଟିମ୍ ରାତି ସାରା ଚଢାଉ ବେଳେ ଅନନ୍ତନାମ ପଲୱାମା ଓ କୁଲଗାମ ଜିଲ୍ଲାରୁ ସନ୍ଦିଗ୍ଧଙ୍କୁ କଷ୍ଟଡିରେ ନେଇ ଏବେ ପଚରା ଉଚରା କରୁଛି । ଦିଲ୍ଲୀରେ ସୋମବାର ଲାଲକିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ପୋଲିସ ଅନ୍ୟ ସୁରକ୍ଷା ଏଜେନ୍ସି ଆତଙ୍କୀ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଦେଇଛନ୍ତି । ଅଧିକାରୀଙ୍କ କହିବା ଅନୁସାରେ, କିଛି ସନ୍ଦିଗ୍ଧ ଗତ ଏକ ବର୍ଷ ହେବ ତୁର୍କୀ ଯାଇଥିଲେ । ବହୁ ସଂଖ୍ୟାରେ ବିସ୍ଫୋରକ ଜବତ ହେବାପରେ ଡାକ୍ତରଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଥିଲା । ଏଥିପାଇଁ ୨୦୦ ରୁ ଅଧିକ ଲୋକଙ୍କୁ ପଚରା ଉଚରା କରାଯାଇଥିଲା । ପୁରା ମଡ୍ୟୁଲର ପର୍ଦ୍ଦାଫାଶ ଆତଙ୍କବାଦୀଙ୍କ ଦୁଇଟି ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା ସୂଚନା ଆଧାରରେ କରାଯାଇଥିଲା ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପାଇଁ ଦୌଡର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୧୩।୧୧ (ଆ.ପ୍ର) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କର କମଳରେ ନୀଳଗିରି ଠାରୁ ମିତ୍ରପୁର ପର୍ଯ୍ୟନ୍ତ ଆୟୋଜିତ ପଦଯାତ୍ରା ଦୀର୍ଘ ୧୦ କି.ମି. ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ 'ଏକତା ପାଇଁ ଦୌଡ଼' ଉଦଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ହେଲିକପ୍ଟର ଯୋଗେ ଗସ୍ତରେ ଆସି ନୀଳଗିରି ମହାବିଦ୍ୟାଳୟ ଠାରେ ନିର୍ମିତ ଅସ୍ଥାୟୀ ହେଲିପେଡରେ ଅବତରଣ ପରେ ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପରେ ଏକତା ପାଇଁ ଦୌଡ଼ ଆୟୋଜିତ କାର୍ଯ୍ୟକ୍ରମ ସ୍ଥାନୀୟ ପୋଲିସ ପଡିଆରେ ଅନ୍ୟାନ୍ୟ ବରେଣ୍ୟ ଅତିଥିମାନଙ୍କ ଗହଣରେ ପହଂଚିଥିଲେ । ଏହି ଐତିହାସିକ କାର୍ଯ୍ୟକ୍ରମ ଶୁଭାରମ୍ଭ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ । ଅନ୍ୟାନ୍ୟ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବାଲେଶ୍ୱର ବିଧାୟକ ମାନସ କୁମାର ଦତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା, ରାଜ୍ୟ ମହିଳା କମିଶନର୍ ଶ୍ରୀମତୀ ଶୋଭନା ମହାନ୍ତି, ବରିଷ୍ଠ ବୁଦ୍ଧିଜୀବୀ ଈଶ୍ୱର ଚନ୍ଦ୍ର ବେହେରା, ବରିଷ୍ଠ ବୁଦ୍ଧିଜୀବି ଡ଼ା. ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମଂଚାସୀନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ସମସ୍ତ ବରେଣ୍ୟ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ଜଳାଇବା ସଙ୍ଗେ ସଙ୍ଗେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉକ୍ତ ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ,ଦର୍ଶନ ଏବଂ ରାଷ୍ଟ୍ର ନିର୍ମାଣର ପୁରୋଧା ସଂପର୍କରେ ଆଲୋକପାତ କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ଇତିହାସ ସଂପର୍କରେ ସ୍ମୃତି ଚାରଣ କରିବା ସହିତ ୫୬୫ ଗଡ଼ଜାତ ମଧ୍ୟରୁ ସର୍ବାଗ୍ରେ ନୀଳଗିରି ଭାରତ ବର୍ଷରେ ମିଶ୍ରଣ କରିବାରେ ଲୌହ ମାନବଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ନୀଳଗିରିର ମର୍ଯ୍ୟାଦା ପାଇଁ ଆଇ. ଏନ.ଏସ.ନୀଳଗିରି ନାମରେ ଯୁଦ୍ଧ ଜାହାଜ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ଆଜିର ଏହି ପଦଯାତ୍ରାର ଶୁଭାରମ୍ଭ ନିମନ୍ତେ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ କି ଏକତା ପାଇଁ ଦୌଡ ବା ପଦଯାତ୍ରା ସାଧାରଣ ପଦଯାତ୍ରା ନୁହେଁ । ଏହା ସମସ୍ତ ଭାରତୀୟଙ୍କ ଜାତୀୟତା ବୋଧର ପ୍ରତୀକ, ଦେଶକୁ ଅଖଣ୍ଡ ରଖିବା ସମସ୍ତ ନାଗରିକଙ୍କ କର୍ତବ୍ୟ ।ଆଜି ନୀଳଗିରିର ଭୌଗୋଳିକ ଅବସ୍ଥିତି ଜନଶକ୍ତିର ଆଧାର ଜନଚେତନର ସ୍ପନ୍ଦନ ।ନୀଳଗିରି ପ୍ରଜା ଆନ୍ଦୋଳନର ଇତିହାସ, ବ୍ରିଟିଶ ଶାସକଙ୍କ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ଆନ୍ଦୋଳନରେ ସମୂହ ସଙ୍ଘବୋଧ ସଂଗ୍ରାମ ସଂପର୍କରେ ଏକତାର ଗାଥା ବହନ କରିଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ସେ ନାଗରିକତାର ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ବକ୍ତବ୍ୟରେ କହିଥିଲେ କି ଆଜି ଆମେ ବିଜ୍ଞାନ କ୍ଷେତ୍ରରେ ଅଗ୍ରଣୀ ଶିକ୍ଷା ଓ ଜ୍ଞାନ, ଯୁବ ସମାଜ ଦେଶ ଗଢିବାରେ ଅଗ୍ରଣୀ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସମସ୍ତଙ୍କ କାର୍ଯ୍ୟକ୍ରମ ସଫଳତା ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପଦଯାତ୍ରା ଶୁଭ ଉଦ୍ଘାଟନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନୀଳଗିରି ଠାରୁ ମିତ୍ରପୁର୍ ପର୍ଯ୍ୟନ୍ତ ଦୀର୍ଘ ୯ କି.ମି. ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ପଦଯାତ୍ରାରେ ସହସ୍ରାଧିକ ଛାତ୍ର ଛାତ୍ରୀ, ଯୁବ ବର୍ଗ, ସାଧାରଣ ଜନତା ,ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୦୦ ମିଟର ଲମ୍ବର ଜାତୀୟ ପତାକାର ଶୋଭା ବର୍ଦ୍ଧନ କରିଥିଲା । ଏହି କାର୍ଯ୍ୟକ୍ରମକୁ ମିତ୍ରପୁର୍ ପର୍ଯ୍ୟନ୍ତ ଆୟୋଜିତ ପଥରେ ଧୋବ ଶିଳା, କେନ୍ଦୁଝୁଟା ଏବଂ ମିତ୍ରପୁର ଠାରେ ସମାପନ ହୋଇଥିଲା । ଉକ୍ତ ସମାପନ ଉତ୍ସବ ସ୍ଥଳରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସନ୍ତୋଷ ଖଟୁଆ ବଡ଼ସାହି ବିଧାୟକ ସନାତନ ବିଜୁଳି, ବରିଷ୍ଠ ବୁଦ୍ଧିଜୀବି ଶ୍ରୀଯୁକ୍ତ ବେହେରା, ଡ଼ା. ଶ୍ରୀଯୁକ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ଉପସ୍ଥିତ ସମସ୍ତଙ୍କୁ ଆଜିର ଏହି କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଭାବରେ ଆଲୋକପାତ କରିବା ସହିତ ସମଗ୍ର ରାଷ୍ଟ୍ରର ସଂସଦୀୟ କ୍ଷେତ୍ର ମାନଙ୍କରେ ଏହି ଭଳି ପଦଯାତ୍ରା ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି ଏବଂ ବାଲେଶ୍ୱର ଜିଲ୍ଲାରେ ଅନ୍ୟ ଦୁଇ ଗୋଟି ସ୍ଥାନରେ ଆୟୋଜନ ହେବାର ସିଦ୍ଧାନ୍ତ ସଂପର୍କରେ ଅବଗତ କରିଥିଲେ ।

ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ

ଭଦ୍ରକ, ୧୩/୧୧ (ଆ.ପ୍ର) : ପୋଥି ଓ ପୁରାଣ ଆମର ଗୁରୁ ଭଳି ଆମକୁ ପ୍ରେରଣା ଦିଏ ଏବଂ ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ ଓ ଦାର୍ଶନିକ । ଉତ୍ତମ ପୁସ୍ତକ ସଚ୍ଚରିତ୍ର ବ୍ୟକ୍ତିତ୍ୱ ଗଠନ କରେ । ଏଣୁ ପୁସ୍ତକ ପଠନ, ପ୍ରତ୍ୟେକ ମଣିଷ ପାଇଁ ନିତାନ୍ତ ଜରୁରୀ ଏବଂ ଭଲ ବହିଟିଏ ପାଇବା ପାଇଁ ପୁସ୍ତକ ମେଳାର ସମ୍ପ୍ରତି ଆବଶ୍ୟକ ରହିଛି ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କବି ବଂଶୀ ବଲ୍ଲଭ ଗୋସ୍ୱାମୀ ସ୍ମୃତିରେ ଉତ୍ସର୍ଗୀତ ମହୋତ୍ସବର ତୃତୀୟ ସଂନ୍ଧ୍ୟାରେ 'ଜ୍ଞାନର ସାରଥି: ପୁସ୍ତକ ଓ ପୋଥି ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ମହୋତ୍ସବର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭଦ୍ରକ ଜିଲ୍ଲା ଉପନିବନ୍ଧକ ଗୁରୁ ଚରଣ ମଲ୍ଲ ଓ ବିଶିଷ୍ଟ ଚିକିତ୍ସାବିତ୍ ତଥା ସଂଗଠକ ଡାକ୍ତର ପ୍ରଦୀପ କୁମାର ନାୟକ ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟ ବକ୍ତା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ବରେଣ୍ୟ ଅତିଥି ଏବଂ ପ୍ରକୃତିବନ୍ଧୁ ତଥା ଶିକ୍ଷକ ସରୋଜ କୁମାର ଓଝା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବର ଉପସଭାପତି ତଥା ଶିକ୍ଷକ ନେତା ପ୍ରଭାକର ପରିଡ଼ା ଅତିଥି ପରିଚୟ, ଟ୍ରଷ୍ଟ ସଭାପତି ଇଂ ଅଭୟ ମୃଦୁଲି ସ୍ୱାଗତ ଭାଷଣ ଓ ସମ୍ପାଦକ ରବିନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଅଧିବେଶନ ପୂର୍ବରୁ ଶିକ୍ଷକ ସମୀର କୁମାର ଜେନା, ଦମୟନ୍ତୀ ରାଉତ ଓ ମମତା ବରଙ୍କ ପରିଚାଳନାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଦମୟନ୍ତୀ ରାଉତ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ଡ.ଜାନକୀ ପାଢ଼ୀ, ମନୋରମା ରାୟ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର, ଉପଦେଷ୍ଟା ବାବୁଲାଲ ଦାସ, ଡା. ଅନିଲ କୁମାର ଦାଶ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ସୁଶ୍ରୀ ଅଞ୍ଜନା ମିଶ୍ର, କଳ୍ପନା ଜେନା ପ୍ରମୁଖ ମଂଚ ଓ ଉତ୍ସବ ପରିଚାଳନା କରିଥିଲେ । ଲଳିତ କଳା ଏକାଡେମୀ, ଚରମ୍ପାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳାରେ ଯୋଗ ଦେଲେ-ବିଡ଼ିଓ

ଧାମନଗର, ୧୩/୧୧ (ଆ.ପ୍ର) : ଧାମନଗର ଏନ ଏ ସି ଅନ୍ତର୍ଗତ ସଦର ମହକୁମା ଠାରେ ଥିବା ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ସମୀର କୁମାର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପ୍ରଧାନ, ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ବରିଷ୍ଠ ବିଜେପି ନେତା ଅରବିନ୍ଦ ପତି, ବିଜେପି ନଗର ସମ୍ପାଦକ ବିଜୟ କୁମାର ରାମ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶୀତ ବିଭିନ୍ନ କାର୍ଯ୍ୟକୁ ବୁଲି ଦେଖିବା ସହ ବିଦ୍ୟା ଓ ଶିକ୍ଷା ଏବଂ ବୈଜ୍ଞାନିକ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ନଭେମ୍ବର ୧୫ ତାରିଖରେ ଏକତା ସଂହତି ପଦଯାତ୍ରା ଏବଂ ଜନ ଜାତୀୟ ଗୌରବ ଦିବସ

ଖୋର୍ଦ୍ଧା, ୧୩/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଦେଶର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଉପଲକ୍ଷେ ଆସନ୍ତା ନଭେମ୍ବର ୧୫ ତାରିଖରେ ଜିଲ୍ଲା ସଦର ମହକୁମା ଠାରେ ଏକତା ଓ ସଂହତି ରାଲି ଏବଂ ଜନଜାତୀୟ ଗୌରବ ଦିବସ -୨୦୨୫ ପାଳନ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଦେଶର ଏକତା, ଅଖଣ୍ଡତା ବଜାୟ ରଖିବା ନିମିତ୍ତ ତଥା ଏକ ଭାରତ ବିକଶିତ ଭାରତ ନିର୍ମାଣ ଭିଜନକୁ ସାକାର ରୂପ ଦେବା ନେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଯେଉଁ ଏକତା ଓ ସଂହତି କ୍ଷେତ୍ରରେ ଅତୁଳନୀୟ ଅବଦାନ ତାହାକୁ ଉଜ୍ଜୀବିତ କରି ନବ ଭାରତ ନିର୍ମାଣରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଲିଙ୍ଗ ଊର୍ଦ୍ଧ୍ୱରେ ରହି ସଚେତନତା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆସନ୍ତା ୧୫ ତାରିଖରେ ବିଦ୍ୟାଳୟ, ମହାବିଦ୍ୟାଳୟ, ଜନ ପ୍ରତିନିଧି ଏବଂ ସମସ୍ତ ବର୍ଗର ଜନସାଧାରଣଙ୍କୁ ନେଇ ବି ଯେ ବି ହାଇସ୍କୁଲ ଠାରୁ ସକାଳ ୮ ଘଟିକା ସମୟରୁ ଏକ ବିରାଟ ରାଲୀ ବାହାରିବ । ଏହି ରାଲିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ଟିମ୍, ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ

ବ୍ୟବସ୍ଥା ପରିଚାଳନା ଜନିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏକତା ଓ ସଂହତି ରାଲୀ ସହର ପରିକ୍ରମା କରିବା ପରେ ପୁନଃଶ୍ଚ ବି ଯେ ବି ଉଚ୍ଚ ବିଦ୍ୟାଳୟ ଠାରେ ପହଂଚିବ । ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ବି ଯେ ବି ହାଇସ୍କୁଲ ଓ ଅନ୍ୟ ସ୍ଥାନ ମାନଙ୍କରେ ଆୟୋଜନ କରାଯିବ । ସେହିପରି ଉକ୍ତ ଦିନ ସଦର ମହକୁମା ଜୟୀରାଜଗୁରୁ ଟାଉନ୍ ହଲ୍ ଠାରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଜନଜାତୀୟ ଗୌରବ ଦିବସ ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ଜନଜାତି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସାମିଲ ହେବା ସହ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ଜନଜାତି ସାମିଲ ହେବେ । ପ୍ରକାଶ ଥାଉକୀ ବିଶିଷ୍ଟ ଜନଜାତି ସ୍ୱାଧୀନତା ସଂଗ୍ରାମୀ ବିର୍ଷା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପ୍ରତି ଅବସରରେ ଜିଲ୍ଲାସ୍ତରୀୟ ଜନଜାତିୟ ଗୌରବ ଦିବସ ପାଳିତ ହେଉଅଛି । ଏହି ଅବସରରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଅପରାହ୍ନ ୧ ଘଟିକା ସମୟରେ ଜୟୀ ରାଜଗୁରୁ ଟାଉନ୍ ହଲ ଠାରେ ପ୍ରଦର୍ଶିତ ହେବ । ଜନଜାତୀୟ ଗୌରବ ଦିବସକୁ ସଫଳ କରିବା ଏବଂ ଏକତା ଓ ସଂହତି ପଦଯାତ୍ରା ରଲୀକୁ ସଫଳ କରିବା ନିମିତ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ପୌର ପରିଷଦ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ଆଲୋକ ବିଭାଗ, ମିଶନ ଶକ୍ତି ବିଭାଗ ସମସ୍ତେ ନିଜ ନିଜ ବିଭାଗୀୟ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଅଧ୍ୟକ୍ଷ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଆଦିକନ୍ଦ ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ ଗୀତାଂଶୁ ମୋହନ ଦାଶ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋର୍ଦ୍ଧା ଭିଜ୍ଞାନ କାଳ୍ପାବ, ବିଡିଓ, ଟାଙ୍ଗୀ, ରୁମାନା ଜାଫ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ ପ୍ରଜ୍ଞା ପାରମିତା ଜେନା, ଡେପୁଟୀ କଲେକ୍ଟର ରଞ୍ଜନ କୁମାର ମହାନ୍ତି, ଡିଇଜିଏମ, ଓସ୍ୱାନ ମାନସ ମୋହନ ବ୍ରହ୍ମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ ।

ହାତୀ ବଢ଼ାଉଛି ଚିନ୍ତା, ଧାନ ଫସଲ ନଷ୍ଟ କରିବା ସହିତ ଭାଂଗୁଛି ଘର

ବଣାଇଁ, ୧୩/୧୧(ଆ.ପ୍ର): ବଣାଇ ଉପଖଣ୍ଡ ଅନ୍ତର୍ଗତ ଟିକାୟତପାଲି ଥାନା ଓ ବଣାଇ ରେଞ୍ଜର ସରସରା ସେକ୍ସନ ଅଧୀନ ଦହିଡୁଭ, ସାନଦହିତୁଭ, ପୋଡାଘାଟ, ନନ୍ଦାପଡ଼ା, ଚନ୍ଦ୍ରପୁର ଓ ବନ୍ଧାଭୂଇଁ ଅଂଚଳରେ ପିଛଳା ଦୁଇ ଦିନ ଧରି ୧୨ ଟିକିଆ ହାତୀ ପଲ ଉତ୍ପାତ ସୃଷ୍ଟି କରୁଥିବା ଜଣାପଡିଛି । ଏହାର ପରିଣାମରେ ସେଠାକାର ଗ୍ରାମବାସୀମାନେ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଅଭିଯୋଗ ଅନୁସାରେ, ବାଙ୍କୀ ରେଞ୍ଜରୁ ଆସିଥିବା ଏହି ହାତୀ ପଲ ଦିନେ ନିକଟସ୍ଥ ଜଙ୍ଗଲରେ ରହି ରାତିରେ ଗାଁକୁ ଆସି ଘର ଭାଙ୍ଗିବା ସହିତ ଧାନ ଫସଲକୁ ଭାରି ନଷ୍ଟ କରୁଛନ୍ତି । ତାମାଡା ରେଞ୍ଜ ଓ ଭାଲୁଡୁଙ୍ଗୁରି ସେକ୍ସନର ବନ କର୍ମଚାରୀ ଓ ଫରେଷ୍ଟର ମାନେ ମିଳିତ ଭାବରେ ହାତୀପଲକୁ ଘଉଡ଼ାଇବା ଚେଷ୍ଟା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଫଳ ହୋଇଛନ୍ତି । ହାତୀମାନେ ଚକ୍ଷମା ଦେଇ ପୁଣିଥରେ ଜଙ୍ଗଲ ଭିତରକୁ ପଳାଉଥିବା ଜଣାପଡିଛି । ବର୍ତ୍ତମାନ ଫସଲ ଅମଳ ହେଉଥିବା ସମୟ ହେତୁ ହାତୀମାନେ ଫସଲ ଡାଣି ଖାଇବାକୁ ଗାଁକୁ ଆସୁଥିବା ସମ୍ଭାବନା ଥିବା ବେଳେ ବନ ବିଭାଗ ଓ ସ୍ଥାନୀୟ ଅଂଚଳବାସୀ ଏହି ସମସ୍ୟା ନିରାକରଣ ପାଇଁ ଚିନ୍ତାରେ ରହିଛନ୍ତି ।

ବିକଶିତ ଗାଁ ବିକଶିତ ଓଡ଼ିଶା ନରସିଂହପୁର ଦୁର୍ଗା ମଣ୍ଡପର ଉନ୍ନତ କରଣ କାର୍ଯ୍ୟକୁ ଅନ୍ୟତ୍ରସ୍ଥାନାନ୍ତର କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାସୁଦେବପୁର, ୧୩/୧୧ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମ ପଂଚାୟତର ମୌଜା ନରସିଂହପୁର ଖାତା ନମ୍ବର ୪୦୮/ ୪୩୮ପ୍ଲଟ ନମ୍ବର ୧୦୨୫ଏହା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ସରକାର ମାର୍ଫତ ନରସିଂହପୁର ଉଚ୍ଚ ବିଦ୍ୟାଳୟ ନରସିଂହପୁର, ଅନ୍ୟ ଏକ ଜାଗା ମୌଜା ନରସିଂହପୁର ଖାତା ନମ୍ବର ୨୧୨ପ୍ଲଟ ନମ୍ବର ୧୦୨୧, ୧୦୨୩ ପ୍ଲଟ ରେ ଏକ ଫଳକ ନିର୍ମାଣ କରାଯାଇଛି,ସରକାରଙ୍କ ତରଫରୁ ଆସିଥିବା ବିକଶିତ ଗାଁ ଓଡ଼ିଶା ବିକଶିତ ଟଙ୍କା ୪,୨୭, ୩୨୭ର ଅନୁଦାନ ଆସିଅଛି, କାର୍ଯ୍ୟ ନାମ ହେଲା ନରସିଂହପୁର ଦୁର୍ଗାମନ୍ଦିର ଭୋଗ ମଣ୍ଡପର ଉନ୍ନତ କରଣ, ଯେଉଁ ଯାଗାରେ ଫଳକ ହୋଇଛି ସେ ଜମି ଟି ଏବେ ଓଡ଼ିଶା ସରକାର ଗଣଶିକ୍ଷା ଙ୍କ ଥିବାବେଳେ କିଛି ନ୍ୟସ୍ତ ଓ ସ୍ୱାର୍ଥ ଗୋଷ୍ଠୀର ବ୍ୟକ୍ତି ମାନେ ସେମାନଙ୍କ ସ୍ୱାର୍ଥ ପୂରଣ ପାଇଁ କାର୍ଯ୍ୟ କରିବାକୁ ଯାଉଛନ୍ତି, ଯାହା ଦ୍ୱାରା ସମସ୍ତ ପାଂଚୟାତ ବାସି ଙ୍କ କ୍ଷେତି ଘଟିବ, ଓ ନରସିଂହପୁର ବଜାର ର ସ୍ଥାନ ସଂକୁଚିତ ହୋଇଯିବ, ଏହି କାର୍ଯ୍ୟକୁ ଅନ୍ୟତ୍ରସ୍ଥାନାନ୍ତର କରିବାକୁ ଭଦ୍ରକ ଜିଲ୍ଲାପାଳ ଙ୍କୁ ଶିକ୍ଷାଅଧିକାରୀ ବାସୁଦେବ ପୁର, ତହସିଲ୍ ଦାର ବାସୁଦବପୁର, ବାସୁଦେବ ପୁର ବିଡିଓ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି, ଆଗାମୀ ଦିନରେ ଏହାର ସମାଧାନ ନ କରାଯାଏ ଗ୍ରାମ ବାସି ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ରାଜ୍ୟ ସରକାରଙ୍କ ଭୂସଂସ୍କାର ନୀତିର ପରିବର୍ତ୍ତନକୁ ଓଡିଶା ରାଜସ୍ୱ ଅମଲା ସଂଘର ସ୍ୱାଗତ

ନବରଙ୍ଗପୁର, ୧୩/୧୧ (ଆ.ପ୍ର) : ବନ୍ଦୋବସ୍ତ ପୂର୍ବରୁ କିଣା ଯାଇଥିବା ଜମି ବନ୍ଦୋବସ୍ତ ସମୟରେ ବନ୍ଦବୋସ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭୁଲ ପଟ୍ଟାକୁ ନିର୍ଭୁଲ ଭାବରେ ସଂଶୋଧନ କରିବା ପାଇଁ ପ୍ରଥମେ କ୍ରେତା ମାନେ ରାଜସ୍ୱ ପାରିଷଦ, କଟକର ଦ୍ୱାରସ୍ଥ ହେବାକୁ ପଡୁଥିଲା । ପରବର୍ତ୍ତୀ ସମୟରେ ସରକାର ସେହି କାର୍ଯ୍ୟକୁ ରାଜସ୍ୱ ଆୟୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । କିନ୍ତୁ ସମସ୍ତ ଲୋକ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ପହଂଚି କାର୍ଯ୍ୟ ସମାପନ କରିବା ସମ୍ଭବପର ହେଉନଥିଲା, ଫଳ ସ୍ୱରୂପ ବହୁତ ଗୁଡିଏ ରାଜସ୍ୱ ମାମଲାର ତୁରନ୍ତ ଫଇସଲା ହୋଇପାରୁନଥିଲା । ଯଦ୍ୱାରା କି ଲୋକେ ବହୁତ ଅର୍ଥ ଖର୍ଚ୍ଚ କରି ନ୍ୟାୟ ପାଇବାରୁ ବଂଚିତ ହେଉଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସରକାର ତାକୁ ଆହୁରି ସରଳିକରଣ କରିବା ପାଇଁ ୨୦୧୭ ମସିହା ଠାରୁ ଜିଲ୍ଲାପାଳ ମାନଙ୍କୁ, କ୍ଷମତା ପ୍ରଦାନ କରିଥିଲେ । ଜିଲ୍ଲାପାଳ ମାନଙ୍କ ଅତ୍ୟାଧିକ କାର୍ଯ୍ୟଭାର ଯୋଗୁଁ ଏହି ଅପିଲ ଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହୁଥିବା ସହିତ ଜିଲ୍ଲା ସଦର ମହକୁମାକୁ ବାରମ୍ବାର ଦୌଡି ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ସଦୃଶ, ଜନସାଧାରଣଙ୍କୁ ତୁରନ୍ତ ନ୍ୟାୟ ଯୋଗାଇଦେବା ନିମନ୍ତେ ତହସିଲଦାର ମାନଙ୍କୁ ସଂଶୋଧନ କ୍ଷମତା ପ୍ରଦାନ କରିଛନ୍ତି, ଏହାଦ୍ୱାରା ସମ୍ପୃକ୍ତ କ୍ରେତା ମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ପଟ୍ଟା ନିଜ ନାମରେ କରିବା ପାଇଁ ସମ୍ପୃକ୍ତ ତହସିଲଦାର ମାନଙ୍କ ପାଖରେ ଆବେଦନ କରିପାରିବେ, ଏହାଦ୍ୱାରା ଜଣସାଧାରଣ ସମୟ ସୀମା ଭିତରେ ତୁରନ୍ତ ନ୍ୟାୟ ପାଇପାରିବେ । ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ଅଧ୍ୟକ୍ଷ ଲୋକେଶ୍ୱର ସାହୁ, ସଭାପତି ତ୍ରିପତି ବାଲାଜି ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ଆବାହକ କୈଳାଶ ଚନ୍ଦ୍ର ଦାଶ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଦେବା ସହ ତହସିଲ କାର୍ଯ୍ୟାଳୟ ମାନଙ୍କରେ ଏଥି ସମ୍ବନ୍ଧୀୟ ଆବଶ୍ୟକୀୟ ନୂତନ ପଦବୀ ସୃଷ୍ଟି କରିବା ପାଇଁ ଅନୁରୋଧ କରିଛନ୍ତି ।

କୋଟଗଡ ବ୍ଲକ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

ତ୍ରମୁଡିବନ୍ଧ, କଟୋଗଡ଼, ୧୩/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକର ବାର୍ଷିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ର ଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସର୍ଗିଫୁଲ ୨୦୨୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଟଗଡ ପରିସରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ଦୀପକ କୁମାର ସିଂଙ୍କ ତତ୍ତ୍ୱାବଧାନରେ ହୋଇଥିଲା ମଧ୍ୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରା ଏବଂ ବିରେନ କୁମାର ନାୟକଙ୍କ ପ୍ରତେକ ହସ୍ତକ୍ଷେପ ଯୋଗୁଁ ଅବ୍ୟବସ୍ଥା ମଧ୍ୟରେ ହୋଇଯାଇଛି । କୋଟଗଡ ବ୍ଲକର ରୋଢ଼ା, ଗୁମୁରମାହା, ଗୁମପଦର, ନୂଆଗାଁ, ଦୁର୍ଗାପଙ୍ଗା ଇତ୍ୟାଦି ଆଶ୍ରମ ବିଦ୍ୟାଳୟ ଗୁଡ଼ିକରୁ ଏହି ସର୍ଗିଫୁଲ କାର୍ଯ୍ୟକ୍ରମ ରେ ଯୋଗ ଦାନ କରିବାକୁ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଠିକ ସମୟରେ ଜଳଖିଆ ମଧ୍ୟ ପାଇପାରିନାହାନ୍ତି । ଜଳଖିଆ ୨ ଘଂଟିକାରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଦେଇଛନ୍ତି । ମଧ୍ୟାନ ଭୋଜନ ଖାଇବାକୁ ନପାଇ ହଇରାଣ ହେବାର ଖବର ବୁଦ୍ଧି ଜିବି ମହଲରେ ଆଲୋଚନା ହେଉଛି । ଉକ୍ତ ସର୍ଗିଫୁଲ କାର୍ଯ୍ୟକ୍ରମରେ ସ୍ଥାନୀୟ ସାମ୍ବାଦିକ ମାନଙ୍କୁ ଅଣଦେଖା କରାଯିବାର କାରଣ କଣ ? ନିମନ୍ତ୍ରଣ ପତ୍ରରେ ଦର୍ଶାଯାଇଥିବା ନିମନ୍ତ୍ରିତ ଅତିଥି ମାନଙ୍କୁ ଅପେକ୍ଷା ନକରି କାହିଁକି ତରବରିଆ ଭାବରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଥିଲା ବଳୀ ପ୍ରଶ୍ନ ଉଠୁଛି । ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ଷଡଯନ୍ତ୍ର ଓ ଚକ୍ରାନ୍ତ କରି ନିଲମ୍ବନ କରାଯାଇ ବିଦ୍ୟାଳୟ କୁ ଅବ୍ୟବସ୍ଥା ଘରରେ ଠେଲିଦିଆଯାଉଛି ବୋଲି କୋଟଗଡ ଅଂଚଳ ବାସି କହିଛନ୍ତି । ପ୍ରକାଶ ଥାଉକି ଯେ ତତକାଳୀନ ଶ୍ରୀ ବିରେନ କୁମାର ନାୟକ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଥାଇ ବହୁତ ଗୁଡିଏ ଦୁର୍ନୀତି କରିଛନ୍ତି । ଯାହାରୀ ଫଳରେ ଏହି ବିଦ୍ୟାଳୟରେ ପରମାନେଟ ପ୍ରଧାନ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଆମେ ଅଂଚଳବାସୀ ପ୍ରଶାସନକୁ ଅନୁରୋଧ କରୁଅଛୁ ଯେ ଏହି ବିଦ୍ୟାଳୟରେ ଭଲ ପ୍ରଧାନ ଶିକ୍ଷକଙ୍କୁ ଦେଲେ ପିଲାଙ୍କ ପାଠ ପଢ଼ା ଟି ବହୁତ ସୁରୁ ଖୁରୁରେ ଚାଲିବ । କୋଟଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୂର୍ବଦିନରେ ଏହି ଭଳି ଦୁର୍ବଳ ପରିଚାଳନା ଫଳରେ ଛାତ୍ର ଛାତ୍ରୀ ଅସନ୍ତୁଷ୍ଟ ହୋଇ ଗଣଧାରଣା କରିଥିଲେ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରାଙ୍କୁ ବିଦ୍ୟାଳୟ ଭିତରେ ତାଲା ପକାଇଥିଲେ ଛାତ୍ର ଛାତ୍ରୀ ମାନେ । ଏହି କାର୍ଯ୍ୟ କଳାପ ଯୋଗୁଁ ତିନି ଚାରି ଜଣ ଲେକଚର ମାନେ ଚାକିରୀ ମଧ୍ୟ ଛାଡି ଦେଇଛନ୍ତି । ସେହି ଭଳି ସର୍ଗିଫୁଲ କାର୍ଯ୍ୟକ୍ରମ ୨୦୨୫ରେ ଦୂର ଦୂରାନ୍ତରୁ ଆସିଥିବା କୁନି କୁନି ଛାତ୍ର ଛାତ୍ରୀ ମାନେ ରାତ୍ରୁ ୧୧ ଘଂଟିକାରେ ନିଜ ନିଜ ବିଦ୍ୟାଳୟ କୁ ଯାଇଛନ୍ତି । ଦୁଃଖ ଓ ପରିତାପର ବିଷୟ ଏଭଳି ସର୍ଗିଫୁଲ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ହେଉଥିବାରୁ ଅଭିଭାବକ ଓ ବୁଦ୍ଧି ଜୀବୀମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରା ଙ୍କୁ ବଦଳି କରିବାକୁ ଦାବି କରିଛନ୍ତି ନଚେତ ଆଗାମୀ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତାଲା ପକାଇ ଧାରଣାରେ ବସିବେ ବୋଲି ଛାତ୍ର ଛାତ୍ରୀ, ଅଭିଭାବକ ଏବଂ କୋଟଗଡ ବ୍ଲକ ର ୧୫ ଗୋଟି ପଂଚାୟତ ର ଅଭିଭାବକ ମାନେ ସାମ୍ବାଦିକ ମାନଙ୍କ ଆଗରେ ପ୍ରକାଶ କରିଛନ୍ତି । ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଂଚଳ ବାସି କହିଛନ୍ତି ।

ବ୍ଲକସ୍ତରୀୟ ମସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫

ଛତିଆ, ୧୩/୧୧ (ଆ.ପ୍ର) : ବଡ଼ଚଣା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଛତିଆ ଫୁଟବଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡ଼. ସ୍ୱାଗତିକା ପଣ୍ଡାଙ୍କ ସଂଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଓଡିଶା ସରକାରଙ୍କ ଆମ ବିଭାଗରେ ଥିବା ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ଉପସ୍ଥିତ ଚାଷିଙ୍କୁ ଆହ୍ୱାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଉପସ୍ଥିତ ରହି ଆମ ଅଂଚଳରେ ପଶୁ ସମ୍ପଦ ବିଭାଗ ଚାଷିଙ୍କୁ ବିଭିନ୍ନ ଯୋଜନାରେ ଯେଉଁ ସହାୟତା ଯୋଗାଉଛନ୍ତି ତାହା ଜିଲ୍ଲାରେ ସର୍ବଶ୍ରେଷ୍ଠ ହୋଇପାରିଛି ବୋଲି କହିବା ସହିତ ଏହାକୁ ଆହୁରି ଅଧିକ ମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ଅଧିକାରିଙ୍କୁ ଆହ୍ୱାନ କରିଥିଲେ ସ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିକାଶ ନନ୍ଦ, ଜିଲା ଡିଏଫଓଙ୍କ ସମେତ ସମସ୍ତ ବିଭାଗିୟ ଅଧିକାରି ମାନେ ଯୋଗ ଦେଇଥିଲେ । ଏହି ଅବସରରେ କିଛି ସମୟ ପାଇଁ ପ୍ରାଣୀପାଳକ, ମତ୍ସ୍ୟ ଚାଷୀ ଓ ବୈଜ୍ଞାନୀକଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା । ଏଥିରେ କୁକୁଡ଼ା ଚାଷୀ ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, କୁନ୍ଦଳ ଗାଁର ତରୁଣ ସାମଲ, ସମିଆଁ ଗାଁର ଚାଷୀ ଦିପକ ଜାମୁଦା ବିଭିନ୍ନ ଚାଷ ଉପରେ ଆଲୋଚନା କରିଥିଲେ । ଏକ ବର୍ଷ ଗାଈ ଋଣ କରିବା ପାଇଁ ଚାଷୀ ଆବେଦନ କରିଥିବା ବେଳେ ସେମାନଙ୍କୁ ଋଣ ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ । ତେବେ ବିଭାଗିୟ ଅଧିକାରି ଏହା ଉପରେ ଆଲୋଚନା କରି ଏହାକୁ ତୁରନ୍ତ ସମାଧାନ କରାଯିବ ବୋଲି ଉତର ରଖିଥିଲେ । ଜିଲା ପ୍ରାଣୀ ଅଧିକାରି ଡ଼. ସୁବ୍ରତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବଡ଼ଚଣା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଭାବନାଥ ବସ୍ତିଆ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିଗମ ମିଶ୍ର, ମନୋଜ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ତେବେ ବିଜେପି କାର୍ଯ୍ୟକର୍ତ୍ତା ମାନେ ଏକ ବିରାଟ ଶୋଭାଯାତ୍ରାରେ ମନ୍ତ୍ରୀ ଓ ବିଧାୟକଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ ।

ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୧୩/୧୧ (ଆ.ପ୍ର) : ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ଦୁଇ ଦିନିଆ ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭୂଖଣ୍ଡ ଓଡ଼ିଶାର ପରିକଳ୍ପନା ପରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ସରକାର ଅହରହ ଉଦ୍ୟମ ଜାରିରଖିଛନ୍ତି । ସରକାରୀ ସ୍ତରରେ ରାଜ୍ୟର ସମସ୍ତ ଅଂଚଳର ଥିବା ଅନୁଷ୍ଠାନକୁ ସାହାଯ୍ୟ ସହଯୋଗ କରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ବେଳେ । ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦ ମଧ୍ୟ ନାଟକ ମାଧ୍ୟମରେ କିପରି ସମାଜର ସାମାଜିକ ବିଧି ବ୍ୟବସ୍ଥା ଚାଲି ଚଳଣି ସମୂହକୁ ଲୋକଙ୍କ ପାଖରେ ପହଂଚାଇବ ସେଥିପ୍ରତି ବେଶ ସଚେତନ ଅଛି । ଉତ୍ସବର ପ୍ରଥମ ଦିନରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ନାଟକ ମାଧ୍ୟମରେ ହିଁ ବେଶ ପ୍ରସାରିତ ହୋଇଥିଲା । ଅନ୍ୟମାନଙ୍କ

ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ , ସ୍ୱତନ୍ତ୍ର ଶାସନ ସଚିବ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦେବପ୍ରସାଦ ଦାଶ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇ ସାଂସ୍କୃତିକ ପରିଷଦର ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ଦ୍ୱିତୀୟ ଦିନରେ ପୂର୍ବତନ ପ୍ରମୁଖ ଶାସନ ସଚିବ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନୋରଞ୍ଜନ ପାଣିଗ୍ରାହୀ , ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ପ୍ରମୁଖ ଯୋଗଦେଇ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାରରେ ନାଟକର ଭୂମିକା ଉପରେ ବିଶେଷ ଭାବରେ ଆଲୋଚନା ସ୍ଥାନ ପାଇଥିଲା । ସାଂସ୍କୃତିକ ପରିଷଦର ସଭାପତି ସୁଧୀର କୁମାର ସାହୁ , ସମ୍ପାଦକ ଲଳାଟେନ୍ଦୁ ମହାନ୍ତି ବାର୍ଷିକ ଉତ୍ସବର ବିବରଣୀ ଦେବା ସହିତ ପ୍ରଥମଦିନ ନଭେମ୍ବର ୧୦ ଓ ୧୧ ଦୁଇଦିନ ଧରି ଏହି ଉତ୍ସବରେ ଦେବାନନ୍ଦ ସୋନି ଙ୍କ ନିର୍ଦେଶନାରେ 'ପଦ୍ମାବତୀ' ଏବଂ ସୌମ୍ୟରଞ୍ଜନ ମହାନ୍ତିଙ୍କ ନିର୍ଦେଶନାରେ ଅଢେଇଘଂଟା ଧରି 'ଲୁହକୁ ଅଜଣା ଆଖି ଠିକଣା' ନାଟକକୁ ଦର୍ଶକ ବେଶ ଉପଭୋଗ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ପରିଷଦ ତରଫରୁ ନାରାୟଣ ମଲ୍ଲିକ ଏବଂ ପ୍ରମୋଦ କୁମାର ନନ୍ଦ ସମସ୍ତ ଦର୍ଶକ ଏବଂ କଳାକାର ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୪ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା - ୩

ପୂର୍ବାଂଚଳ ଗବେଷଣା ସମ୍ମିଳନୀ 'ଅନ୍ୱେଷଣ-୨୦୨୫'ରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ ଛାତ୍ରମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

ନୀଳଗିରି, ୧୩/୧୧ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଛଅଜଣ ଗବେଷଣାରତ ଛାତ୍ର ନିଜର ଉତ୍କୃଷ୍ଟ ଗବେଷଣା ପ୍ରଦର୍ଶନ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ସମ୍ମାନକୁ ଉଚ୍ଚସ୍ତରରେ ପହଂଚାଇଛନ୍ତି । ଏସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଦ୍ୱାରା ଆୟୋଜିତ ଏବଂ ଅରୁଣାଚଳ ପ୍ରଦେଶର ପାସିଘାଟ ସ୍ଥିତ ଏପେକ୍ସ ପ୍ରଫେସନାଲ ୟୁନିଭର୍ସିଟି ଠାରେ ଆୟୋଜିତ ହୋଇଥିବା ପୂର୍ବାଂଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଗବେଷଣା ସମ୍ମିଳନୀ "ଅନ୍ୱେଷଣ-୨୦୨୫"ରେ (୧୧-୧୨ ନଭେମ୍ବର ୨୦୨୫) ଯୋଗଦେଇ ଏହି ସଫଳତା ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟର ଗବେଷକ ଦଳ କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ, ମୌଳିକ ବିଜ୍ଞାନ ଏବଂ ବହୁମୁଖୀ-ଗବେଷଣା (ସିଆରସିଆଇଏଚଏସସି) ସହିତ ଚାରିଟି ମୁଖ୍ୟ ବିଷୟରେ ନୂତନତ୍ୱ ନେଇ ଗବେଷଣା ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ର ସୁନୀଲ କୁମାର ଗୋଛି ଏବଂ ସଞ୍ଜିତ କୁମାର ସାହୁ, "କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ" ବିଭାଗରେ ନିଜ ଗବେଷଣା ପ୍ରକଳ୍ପ "Development of Betel Oil-Based Mosquito Repellent Vaporizer as a Value-Added Product for Rural Livelihood and Sustainable Health Protection" ପାଇଁ ଦ୍ୱିତୀୟ ରନର୍ସ-ଅପ୍ ପୁରସ୍କାର ଅର୍ଜନ କରିଛନ୍ତି । ସେମାନଙ୍କ ଉନ୍ନତ ଆବିଷ୍କାରକ ଧାରଣା, ଯାହା ଗ୍ରାମୀଣ ଜୀବିକା, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସ୍ଥିରତା ସହ ଜଡ଼ିତ ରହିଥିବାର ଚିତ୍ର ଉପସ୍ଥିତ ବିଚାରକମାନଙ୍କୁ ପ୍ରଭାବିତ କରିଥିଲା । ଅନ୍ୟ ଅଂଶଗ୍ରାହୀ ଗବେଷକମାନେ ହେଲେ —ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ: ଜ୍ୟୋତି ପ୍ରକାଶ ମହାନ୍ତି ଓ ସୁଭେନ୍ଦୁ ଶେଖର ପାଣି (ଜୀବ ବିଜ୍ଞାନ ଓ ବାୟୋ ଟେକ୍ନୋଲଜି ବିଭାଗ) ମୌଳିକ ବିଜ୍ଞାନ: ଗୌତମ ଚନ୍ଦ୍ର ମାଳିକ (ରସାୟନ ବିଭାଗ) ବହୁମୁଖୀ ବିଷୟକ ଗବେଷଣା: ସୌମ୍ୟରଞ୍ଜନ ଦାଶ (ସେଂଟର ଫର୍ ଗିସର୍ଜ ଅନ୍ ହର୍ସସ୍ୟୁ କ୍ରାବ୍) "ଅନ୍ୱେଷଣ-୨୦୨୫" ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରାଥମିକ ଚୟନ ଗତ ୧୬ ଅକ୍ଟୋବର ୨୦୨୫ ରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ବିଷୟ ନିପୁଣ ଚୟନକର୍ତ୍ତା ମଣ୍ଡଳୀ ଯୋଗଦେଇ ମୂଲ୍ୟାୟନ କରିଥିଲେ । ସମଗ୍ର କାର୍ଯ୍ୟସୂଚୀର ସଂଗଠନ ଏବଂ ସମନ୍ୱୟ ଛାତ୍ର କଲ୍ୟାଣ ବିଭାଗ ଦ୍ୱାରା ହୋଇଥିଲା ତଥା, ଡକ୍ଟର ନିହାର ରଞ୍ଜନ ରାଉତ (ନିର୍ଦ୍ଦେଶକ, ଛାତ୍ର କଲ୍ୟାଣ ଏବଂ ବିଶ୍ୱବିଦ୍ୟାଳୟ ସ୍ତରୀୟ "ଅନ୍ୱେଷଣ" ସମନ୍ୱୟକାରୀ)ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସଫଳ ଗବେଷକ ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିବିଧ ଗବେଷଣାର ଉଚ୍ଚ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ନବୀନତାକୁ ଆଧାର କରି ସାମାଜିକ ତଥା ଜାତୀୟସ୍ତରରେ ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟକୁ ଅଗ୍ରସର କରିବାନେଇ ଆଶାବ୍ୟକ୍ତ କରିଛନ୍ତି ।

ଚେତାବନୀ ସାହିତ୍ୟ ସଂସଦର ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ପାଇବେ ଡ. ଭଗବାନ ଜୟସିଂହ ଓ କେଦାର ମିଶ୍ରଙ୍କୁ ମିଳିବ 'ଚେତାବନୀ ପ୍ରଜ୍ଞା ସମ୍ମାନ'

ବାଲେଶ୍ୱର, ୧୩/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ଥିତ ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସରକାରୀ ଉଚ୍ଚ ବିଦ୍ୟାପୀଠର ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ନଭେମ୍ବର ୩୦ରେ ୩୭ତମ ରାଜ୍ୟସ୍ତରୀୟ ଶିଳ୍ପୀ ସମ୍ବର୍ଦ୍ଧନା, ସମାରୋହ ଓ ପୁଷ୍ପପୁନି ଭେଟଘାଟ ହେବା ପାଇଁ ସ୍ଥିର ହୋଇଛି । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସେମାନଙ୍କ ବହୁମୂଲ୍ୟ ଅବଦାନ ପାଇଁ ସମ୍ମାନିତ କରାଯିବ । ବିଶିଷ୍ଟ କବି ଓ ଅନୁବାଦକ ଡ଼. ଭ ଗ ବ ା ନ ଜୟସିଂହଙ୍କୁ ତାଙ୍କର ଜୀବନ ବ୍ୟାପି ସାହିତ୍ୟ ସାଧନା ପାଇଁ ସମ୍ମାନଜନକ ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯିବ । ପୁରସ୍କାର ସ୍ୱରୂପ ବିଶିଷ୍ଟ ସମାଜସେବୀ ତଥା ମର୍ଲ୍ଟି କମ୍ପାନୀର ନିର୍ଦ୍ଦେଶକ ଚାଟାର୍ଡ ଆକାଉଣ୍ଟେଂଟ ସନ୍ଦୀପ ବିଶ୍ୱାଳ ଏବଂ ଅନୁଷ୍ଠାନର ବରିଷ୍ଠ ସଦସ୍ୟା କବି ନର୍ମଦା ନୀଳୋତ୍ପଳାଙ୍କ ମାଆଙ୍କ ସ୍ମୃତିରେ ତାଙ୍କ ଦ୍ୱାରା ପ୍ରଦତ୍ତ ୧୦ ହଜାର ଟଙ୍କା ନଗଦ ଅର୍ଥରାଶି ଓ ଉପଢୌକନ ପ୍ରଦାନ କରାଯିବ । ପ୍ରବନ୍ଧ ସାହିତ୍ୟ ପାଇଁ ଡକ୍ଟର ଚିତ ରଞ୍ଜନ ମିଶ୍ର, କାବ୍ୟକବିତା ପାଇଁ ଯୁବକବି କେଦାର ମିଶ୍ର ଓ କଥାସାହିତ୍ୟ ପାଇଁ ସୁଖ୍ୟାତ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦଙ୍କୁ 'ଚେତାବନୀ ପ୍ରଜ୍ଞା ସମ୍ମାନ'ରେ ସମ୍ମାନିତ କରାଯିବ । ସେହିପରି ସମାଲୋଚିକା ଓ କବି ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ ପାଇବେ ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନ । ଗୀତ କବିତା ପାଇଁ କବି ସୁରଞ୍ଜନ ପାତ୍ରଙ୍କୁ ପାର୍ଥ ବିଶି ଗୀତି କବିତା ସମ୍ମାନ, ଶିକ୍ଷାବିତ ଇଂ ଅଜୟ କୁମାର ପଣ୍ଡାଙ୍କୁ ଚେତାବନୀ ଶିକ୍ଷା ସମ୍ମାନ, ଯୁବକବି ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ କବି ଲକ୍ଷ୍ମୀକାନ୍ତ ସ୍ମୃତି ସମ୍ମାନ, ସମାଜସେବା କ୍ଷେତ୍ରରେ ବୈଦ୍ୟ. ସଦାନନ୍ଦ ପୁଟେଲଙ୍କୁ ଚେତାବନୀ ସମାଜସେବା ସମ୍ମାନ ପାଇଁ ମନୋନୀତ କରାଯାଇଥିବା ବେଳେ ଜୀବନ ବ୍ୟାପି ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚେତାବନୀ ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ବିପିନ ବିହାରୀ ବିଶିଙ୍କୁ ଚେତାବନୀ ସୁହୃଦ ସମ୍ମାନରେ ସମ୍ମାନିତ କରିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ସାହିତ୍ୟ ସଂସଦର ସଭାପତି ଯାଜ୍ଞସେନୀ ସାହା, ସମ୍ପାଦକ ରଞ୍ଜନ ପଣ୍ଡା ଏବଂ ସାଙ୍ଗଠନିକ ସମ୍ପାଦକ ଯାଦବେନ୍ଦ୍ର ସାହା ପ୍ରକାଶ କରିଛନ୍ତି ।

ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ ବନ୍ଦର ଡାଇରେକ୍ଟରଙ୍କୁ ଦାବିପତ୍ର

ବାଲିଆପାଳ, ୧୩/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ପ୍ରସ୍ତାବିତ ଚୈମୁଖ ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ କାଳିପଦା ସ୍ଥିତ ବନ୍ଦର କାର୍ଯ୍ୟାଳୟରେ ବନ୍ଦର ଡାଇରେକ୍ଟର ବିରଜା ଶଙ୍କର ଦାସଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ କରିବା ସମୟରେ କମିଟି ପକ୍ଷରୁ ସଭାପତି ବାଦେଲ ମାଝୀ, ସାଧାରଣ ସମ୍ପାଦିକା କଳ୍ପନା ଜେନା, ମନୋରଞ୍ଜନ ଦାସ, ଶଶିଭୂ ଖଣ୍ଡା, ଭାରତୀ ନାୟକ, ଶୁଭଙ୍କରୀ ମହାନ୍ତି, କିରଣ କୁମାର ପାତ୍ର, ଉପସ୍ଥିତ ଥିଲେ । ସୂଚନା ଥାଉ କି ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ଏସ ପି, ବିଧାୟିକା ସୁବାସିନି ଜେନା, ବାଲିଆପାଳ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ, ବାଲିଆପାଳ ଟାଟା ଫାଉଣ୍ଡେସନ ଶାଖା ଆଦିକୁ ଦାବି ପତ୍ର ପ୍ରଦାନ କରାଯାଇଥିଲା ।

ବଡ଼ାଶରେ ୨୧ରୁ ବିଶ୍ୱଶାନ୍ତି ମହାଯଜ୍ଞ

ବାଲିଆପାଳ, ୧୩/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ପଂଚାୟତରେ ବଡାଶ ଗ୍ରାମରେ ମହାଦେବ ମନ୍ଦିର ଠାରେ ବଟେଶ୍ୱର ୟୁଥ କ୍ଲବ୍ ପକ୍ଷରୁ ୨୧ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ଏନେଇ ଗୁରୁବାର ଅପରାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ମହାଯଜ୍ଞ ପୂର୍ବରୁ ପନ୍ଦର ତାରିଖ ଦିନ ବିଶାଳ ରକ୍ତ ଦାନ ଶିବିର, ଷୋହଳ ତାରିଖ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ । ଏଥି ସହିତ ୨୪ ଓ ୨୫ ତାରିଖ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଯଜ୍ଞ ଦିନ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସନ୍ଧ୍ୟା ପରିବେଶ ହେବ । ଏହି ଖବରଦାତା ସମ୍ମିଳନୀରେ ସଭାପତି ଅଭିଜିତ ଦାସ, ସମ୍ପାଦକ ଦିପକ କୁମାର ଗିରି, ଗୌରୀ ଶଙ୍କର ପାତ୍ର, ସୁଜିତ କୁମାର ଗିରି, ଗୋପାଳ ଚନ୍ଦ୍ର ପାତ୍ର, ଓମ୍ ପ୍ରକାଶ ସାହୁ, ଉପଦେଷ୍ଟା ପ୍ରଫୁଲ୍ଲ ସି, ମନ୍ମଥ ପାତ୍ର, ସରୋଜ କର ଗୌରହରି ଦେ, ଜୟନ୍ତ ଜେନା, ଧିରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଯୁବ କବି ସୂର୍ଯ୍ୟସ୍ନାତ ତ୍ରିପାଠୀ ପ୍ରଥମ 'ସୋଆ ଯୁବ ସାହିତ୍ୟ ପୁରସ୍କାର' ପାଇଁ ହେଲେ ମନୋନୀତ

ବାଲେଶ୍ୱର, ୧୩/୧୧ (ଆ.ପ୍ର) : ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀ ଚଳିତ ବର୍ଷ ଠାରୁ ପ୍ରବର୍ତ୍ତିତ 'ସୋଆ ଯୁବ ସାହିତ୍ୟ ପୁରସ୍କାର-୨୦୨୫'ର ପ୍ରଥମ ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଆସନ୍ତା ୩୦ ତାରିଖରେ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଥିବା ଦୁଇଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍ ?ଯାପନୀ ଅଧିବେଶନରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଭୁବନେଶ୍ୱରର ବର୍ଷା ପ୍ରକାଶନୀ ପକ୍ଷରୁ ଗତବର୍ଷ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗୀ' ନିମନ୍ତେ ସେ ଏହି ସମ୍ମାନ ପାଇବାକୁ ବିଚାରକ ମଣ୍ଡଳୀ ଦ୍ୱାରା ମନୋନୀତ ହୋଇଛନ୍ତି । ଏହି ସଂକଳନରେ ୧୨ଟି ଗଳ୍ପ ରହିଛି, ଯେଉଁଥିରେ ଲେଖକ ମଣିଷର ମନସ୍ତତ୍ୱ ଓ ସମସାମୟିକ ଅନୁଭୂତି ପରିପ୍ରକାଶ କରିଛନ୍ତି । ଶ୍ରୀ ତ୍ରିପାଠୀ ଏବେ ଆଇଆଇଟି ରୁପାର୍‌ରେ ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଂଟ୍ ପ୍ରଫେସର୍ ଭାବେ କାର୍ଯ୍ୟରତ । ୧୯୯୧ରେ ଜନ୍ମିତ ଶ୍ରୀ ତ୍ରିପାଠୀଙ୍କର ଅଦ୍ୟାବଧି ୭ଟି କବିତା ସଂକଳନ ଓ ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି । ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡ଼ିଆ ଅନୁବାଦ ମଧ୍ୟ କରିଛନ୍ତି । ୨୦୧୭ରେ କେନ୍ଦ୍ର ସାହିତ୍ୟ ଅକାଦେମୀର ସମ୍ମାନଜନକ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବା ଶ୍ରୀ ତ୍ରିପାଠୀ ହାଇଦ୍ରାବାଦସ୍ଥିତ ନାଟ୍ୟ ସଂସ୍ଥା 'କାସ', 'କିସ୍‌ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନ ନିମନ୍ତେ ବିଭିନ୍ନ ନାଟକ ସହ 'ବୋତଲ ଅର୍କ ହେଁ', 'ଲାଷ୍ଟ ୱିସ', 'ଜେନେରେସନ୍ସ ଅଫ୍ ନ୍ୟୁଟନ୍' ଭଳି ନାଟକର ସଂଳାପ ଲେଖିଛନ୍ତି । ନିକଟରେ ସେ ଓଡ଼ିଆ ସିନେମା 'ଇନ୍ଦ୍ରଧନୁ' ସହ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିୟାଁ' (ହିନ୍ଦୀ) ନିମନ୍ତେ ମଧ୍ୟ ସଂଳାପ ରଚନା କରିଛନ୍ତି । ପୁରସ୍କାର ଆକାରରେ ଶ୍ରୀ ତ୍ରିପାଠୀଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ରୌପ୍ୟ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯିବ । ଆସନ୍ତା ୨୯ରୁ ଆରମ୍ଭ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଓ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ଅବଦାନ ନିମନ୍ତେ ସୋଆ ସାହିତ୍ୟ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଅଣ ସାମ୍ବାଦିକଙ୍କ କବଜାରେ ସୁବର୍ଣ୍ଣ ରେଖା ପ୍ରେସ କ୍ଲବ

ବାଲିଆପାଳ, ୧୩/୧୧ (ଆ.ପ୍ର) : ବାଲିଆପାଳ ବ୍ଲକରେ ଥିବା ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ଏବେ ବିବାଦ ମଧ୍ୟରେ ଗତି କରୁଛି ।ଅଣ ସାମ୍ବାଦିକଙ୍କ କବଜାରେ ଥିବା ପ୍ରେସ କ୍ଲବରୁ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟକୁ ଯାଉନଥିବା ଦେଖିବାକୁ ମିଳିଛି । ସର୍ବେସର୍ବା ବୁଲାଉଥିବା ସୁବର୍ଣ୍ଣରେଖା ପ୍ରେସ କ୍ଲବର ଆବାହକ ଲକ୍ଷ୍ମୀନାରାୟଣ ମହା ବିଦ୍ୟାଳୟ ଜାମସୂଳିର ଅଧ୍ୟାପକ ସୁକାନ୍ତ କୁମାର ଗିରି ନିଜ ପତ୍ନୀଙ୍କ ନାମରେ ଏକ ଖବର କାଗଜ ରଖି ବିଭିନ୍ନ ସ୍ଥାନରୁ ଅଣ ସାମ୍ବାଦିକ ମାନଙ୍କୁ ଲଗାଇ ଜାତୀୟ ପ୍ରେସ ଡେ ପାଳନ ନାମରେ ଟଙ୍କା ମାଗୁଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ସେ ଜଣେ ଅଧ୍ୟାପକ ହୋଇ ନିଜର କଳାକାରନାମାକୁ ଲୁଚାଇ ନିଜର ପ୍ରତିଆରା ବୃଦ୍ଧି ପାଇଁ ପ୍ରକ୍ରି ସାମ୍ବାଦିକ ଭାବେ କାର୍ଯ୍ୟ କରୁଛନ୍ତି । ସୁବର୍ଣ୍ଣରେଖା ପ୍ରେସ କ୍ଲବ ନବ ଗଠିତ ଠାରୁ ବିଭିନ୍ନ ସ୍ଥାନରୁ ଆସିଥିବା ଅର୍ଥର ହିସାବ ନିକାସ ନକରି ନିଜେ ଆତ୍ମସାତ୍ କରିଥିବା ନେଇ ଅନ୍ୟ ସଦସ୍ୟ ମାନେ ବିରୋଧ କରୁଥିବା ନେଇ ଶୁଣିବାକୁ ମିଳୁଛି । ଏବେ ଏହି ପ୍ରେସ କ୍ଲବରୁ ପ୍ରକୃତ ଗଣମାଧ୍ୟମର ପ୍ରତିନିଧି ମାନେ ବାହାରି ଯିବାରୁ ଏବେ ଅଣ ସାମ୍ବାଦିକଙ୍କ କବଜାରେ ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ରହିଛି । ପ୍ରକୃତ ଗଣ ମାଧ୍ୟମର ପ୍ରତିନିଧି ମାନେ ଆଗାମୀ ଦିନରେ ଅଣ ସାମ୍ବାଦିକ ମାନଙ୍କୁ କ୍ଲବରୁ ବାହାର କରି ସୁବର୍ଣ୍ଣରେଖା ପ୍ରେସ କ୍ଲବର ଗୌରବ ବଜାଇ ରଖିବା ପାଇଁ ଏକତ୍ର ହୋଇ କିଛି ପଦକ୍ଷେପ ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ତେବେ ଅଣ ସାମ୍ବାଦିକ ଶ୍ରୀ ଗିରିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

ପଂଚାୟତ ଅଫିସ ସମ୍ମୁଖରେ ଗର୍ଜିଲେ ହିତାଧିକାରୀ

ଭୋଗରାଇ, ୧୩/୧୧, (ଆ.ପ୍ର): ଭୋଗରାଇ ବ୍ଲକ ଅନନ୍ତିଆ ପଂଚାୟତ ଅଫିସ ସମ୍ମୁଖରେ ଶତାଧିକ ପୁରୁଷ ଓ ମହିଳା ମାନେ ରାସନ କାର୍ଡ଼ ଯାଂଚ ପ୍ରକ୍ରିୟାକୁ ବିରୋଧ କରି ଗର୍ଜିବା ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ତାପରେ ଏକ ପ୍ରତିନିଧି ଦଳ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଗୁରୁବାର ପୂର୍ବାହ୍ନରେ ଅନନ୍ତିଆ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଂଚାୟତ ସମିତି ସଦସ୍ୟା ଅଞ୍ଜଳି ପାଢ଼ୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅନନ୍ତିଆ ପଂଚାୟତର ୧୮ ଟି ୱାର୍ଡ଼ର ୧୬୦୮ ଟି ରେସନ କାର୍ଡ଼ ଅଯୋଗ୍ୟ ଘୋଷିତ ହେବାକୁ ଶତାଧିକ ପୁରୁଷ ଓ ମହିଳା ବିରୋଧ କରିଥିଲେ । ଯଦି ଆଗାମୀ ଦିନରେ ସରକାର ପଂଚାୟତରେ ଥିବା ଗୋଟିଏ ବି ଯୋଗ୍ୟ ହିତାଧିକାରୀଙ୍କ ରେସନ କାର୍ଡ଼ କାଟନ୍ତି ତେବେ ପଂଚାୟତର ସମସ୍ତ ଗରୀବ ଲୋକମାନେ ଜୋରଦାର ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି । ତାପରେ ଏକ ପ୍ରତିନିଧି ଦଳ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟାନନ୍ଦ ସିଁଙ୍କ ଜରିଆରେ ବିଡ଼ିଓଙ୍କ ପାଖକୁ ଏକ ଦାବିପତ୍ର ଦେଇଛନ୍ତି । ଏହି ପ୍ରତିବାଦ ସଭାରେ ଘନଶ୍ୟାମ ପାଢ଼ୀ, ତପନ କୁମାର ପାତ୍ର, ପ୍ରଦୀପ ସେଠୀ, ରବିନ୍ଦ୍ର ଗିରି, ଦୀପକ କୁମାର ଗିରି, ଜଗଦୀଶ ଦାସ, ପୂର୍ଣ୍ଣଚନ୍ଦ୍ର ପାଳ, ନରେନ୍ଦ୍ର ଦଣ୍ଡପାଟ, ସପନ ବେହେରା, ନୀଳକଣ୍ଠ ଘଡାଇ, ଆରତୀ ବେହେରା, ଶାନ୍ତିଲତା ମାଝୀ, କାଜଲ ମହାନ୍ତି, ଚନ୍ଦନା ସିଂ, ସରସ୍ୱତୀ ବେହେରା, ମିନତି ପାଢ଼ୀ, ସୁମତୀ ଜେନା, କନକଲତା ଗିରି, ଶାନ୍ତିଲତା ଜେନା, ସୁମତୀ ପଣ୍ଡା, ଅଞ୍ଜଳି ମାଝୀ, ବାସନ୍ତୀ ପାତ୍ର, କାଜଲ ପାତ୍ର, ସନ୍ଧ୍ୟା ରାଣୀ ମଣ୍ଡଳ, ଅନ୍ନପୂର୍ଣ୍ଣା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ମନ୍ଦାକିନୀ ଗିରି, ଆରତୀ ମାଝୀ ପ୍ରମୁଖ ଶତାଧିକ ରେସନ ହିତାଧିକାରୀମାନେ ପ୍ରତିବାଦ କରିଥିଲେ ।

ଜୀବନ ଜୀବିକା ସୁରକ୍ଷା ପାଇଁ କାଠ ଶିଳ୍ପ ଉପରେ ନିର୍ଭର କରୁଥିବା ଶ୍ରମିକମାନଙ୍କ ବିକ୍ଷୋଭ ଆସନ୍ତା ୨୦ରେ

ବାଲେଶ୍ୱର,୧୩/୧୧ (ଆ.ପ୍ର) : କାଠଶିଳ୍ପରେ କାର୍ଯ୍ୟ କରୁଥିବା ସମସ୍ତବର୍ଗର ଶ୍ରମିକମାନଙ୍କୁ ନେଇ ଗଠିତ 'ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦ'ର ସହସ୍ରାଧିକ ସଭ୍ୟ ତଥା ଶ୍ରମିକମାନେ ଆସନ୍ତା ୨୦ ତାରିଖ, ଗୁରୁବାର ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଗୁରୁବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ଷ୍ଟେସନ କ୍ଲବ୍ ସଭାଗୃହରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ରରେ ଏହି ନିଷ୍ପତ୍ତି ନିଆଯାଇଛି । ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପରିଷଦର ସଂପାଦକ ପ୍ରବୋଧ କୁମାର ପରିଡ଼ା ଭିତ୍ତିପତ୍ର ଓ ୫ ଦଫା ଦାବିପତ୍ର ଆଗତ କରିଥିଲେ । ରାଜ୍ୟ ସରକାରଙ୍କର ତ୍ରୁଟିପୂର୍ଣ୍ଣ କରତକଳ ଆଇନ ଯୋଗୁଁ ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା କରତକଳଗୁଡ଼ିକ ବନ୍ଦ ହୋଇଯାଇଛି । ଫଳରେ କାଠଶିଳ୍ପକୁ ନିର୍ଭର କରି ଚଳୁଥିବା ଶହଶହ ଶ୍ରମିକ, ନୌକାରେ ମାଛ ଧରୁଥିବା ମତ୍ସ୍ୟଜୀବୀ, ଘରର କାଠ ଉପକରଣ ଓ ଝିଅ ବିଭାଘର ବେଳେ କନ୍ୟାପିତା ଦେଉଥିବା ଖଟ, ପଲଙ୍କ, ଆଲଣା ପ୍ରଭୃତି ସାମଗ୍ରୀ ନିର୍ମାଣ କରୁଥିବା ଗ୍ରାମାଞ୍ଚଳର କାଠ କାରିଗର ଓ ହେଲପରମାନେ ନିଜର ଜୀବିକା ହରାଇଛନ୍ତି । ଜିଲ୍ଲାର ସୋମନାଥପୁର ଓ ପଣପଣାରେ ମାତ୍ର ଦୁଇଟି ସ୍ଥାନରେ କରତକଳ ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି । ତେଣୁ ଜିଲ୍ଲାର ଉପାନ୍ତ ଅଞ୍ଚଳର ଗ୍ରାମବାସୀମାନେ ଦୂରଦୂରାନ୍ତରୁ କାଠ ଆଣି ସେଗୁଡ଼ିକୁ ଚିରଟ କରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି । ପଡ଼ୋଶୀରାଜ୍ୟ ପଶ୍ଚିମବଙ୍ଗରୁ କାଠ ସାମଗ୍ରୀ ବାଲେଶ୍ୱର ଜିଲ୍ଲାରେ ଉଚ୍ଚଦରରେ ବିକ୍ରି ହେଉଛି । ମାତ୍ର ଲୋକମାନେ ନିଜବାଡ଼ିରେ ଥିବା ଗଛଗୁଡ଼ିକୁ କରତକଳ ନଥିବାରୁ କାମରେ ଲଗାଇ ପାରୁନାହାନ୍ତି । ଏତଦ୍ବ୍ୟତୀତ ନିଜ ବାଡ଼ିରେ ଥିବା ପରିପକ୍ୱ ଗଛକୁ କାଟିବା ପାଇଁ ତହସିଲଦାର ଓ ଜିଲ୍ଲାର ବନବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ମିଳିତଭାବେ ଯୁଗ୍ମ ତଦନ୍ତ ଓ ଅନୁମତି ପ୍ରଦାନ ପାଇଁ ଜଟିଳ ପ୍ରକ୍ରିୟା କାରଣରୁ ଗ୍ରାମାଞ୍ଚଳର ବହୁ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳର ଜନସାଧାରଣ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଉଥିବାବେଳେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଇନ ନିଜର କୌଳିକ ବ୍ୟବସାୟ କରୁଥିବା ଗ୍ରାମାଞ୍ଚଳରେ ଶହଶହ କାଠ କାରିଗର ଓ ଶ୍ରମିକଙ୍କ ରୋଜଗାରକୁ ବନ୍ଦ କରିଦେଇଛି ବୋଲି ଶ୍ରୀ ପରିଡ଼ା ଭିତ୍ତିପତ୍ରରେ ଦର୍ଶାଇଥିଲେ । ଏହି ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନା, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସଂପାଦକ ମନୋଜ ନାୟକ, ଶ୍ରମିକନେତା ଭାଗବତ ପ୍ରତିହାରୀ ଓ ପ୍ରେମରଞ୍ଜନ ପାତ୍ର, ପୂର୍ବତନ ଛାତ୍ରନେତା ଜଗନ୍ନାଥ ଦାସ, କୃଷକନେତା ଅରୁଣ ଜେନା ପ୍ରମୁଖ ଦାବିଗୁଡ଼ିକୁ ସମର୍ଥନ ଜଣାଇଥିଲେ । ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଶହଶହ କୁଶଳି ଶ୍ରମିକ ସେମାନଙ୍କର ପରିବାର ପ୍ରତିପୋଷଣର ପଥ ବନ୍ଦ ହୋଇଯାଇଛି ବୋଲି ମତପ୍ରକାଶ କରିଥିଲେ । ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସେମାନେ ଆହ୍ୱାନ ଦେଇଥିଲେ । ପରିଷଦର ସଭାପତି ମଣିଭଦ୍ର ସାହୁ ଆସନ୍ତା ୨୦ ତାରିଖ ଦିନ ଜିଲ୍ଲା ଦପ୍ତରରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ ହେଉଥିଲା । ଯଦି ସରକାର ଏହି କାଠଶ୍ରମିକମାନଙ୍କ ଦାବିପୂରଣ ନକରନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ପାଇଁ ଆହ୍ୱାନ ଦେଇଥିଲେ । ବିଜୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବାଲିଆପାଳ, ୧୩/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆସନ୍ତା ବର୍ଷ ଫେବୃଆରୀ ମାସରେ ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପୂର୍ବତନ ଛାତ୍ର ଛାତ୍ରୀ, ଅଭିଭାବକ, ଅବସର ପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ପୂର୍ବତନ ପରିଚାଳନା ସମିତି, ଶିକ୍ଷାବିତ ଓ ଅନୁଷ୍ଠାନ ପ୍ରେମୀ, ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସମସ୍ତ ଉଦ୍ୟୋକ୍ତା ତଥା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ସମାପନ ହେବାର ସିଦ୍ଧାନ୍ତ ନିଆଗଲା । ଖୁବ ଶୀଘ୍ର ସମସ୍ତଙ୍କ ପରାମର୍ଶ ପାଇଁ ମିଳିତ ବୈଠକ କରାଯାଇ ତାରିଖ ଧାର୍ଯ୍ୟ କରିଯିବାର ମତ ଅଧ୍ୟାପକ ସମୂହ ଦେଇଥିଲେ । ବରିଷ୍ଠ ଅଧ୍ୟାପିକା ଶାନ୍ତିଲତା ଗିରି, ବରିଷ୍ଠ ଅଧ୍ୟାପକ ସଚିନ୍ଦ୍ର ନାଥ ଦତ୍ତ, ବିକାଶ ଚନ୍ଦ୍ର ଜେନା, ଗଣେଶ ଚନ୍ଦ୍ର ସି, ବେଣୁଧର ନାୟକ, ସତ୍ୟନାରାୟଣ ସାହୁ, ମନୋଜ କୁମାର ମହାପାତ୍ର, କାମିନୀକାନ୍ତ ମହାନ୍ତି,ସଞ୍ଜୟ କୁମାର ଡାକୁଆ, ସୁଦର୍ଶନ ରଣା, ଶୁଭାଞ୍ଜଳି ରାଉତ, ରଂଜିତ କୁମାର ସାହୁ, ବିଜୟ କୁମାର ନାୟକ, ମେଘମାଳା ପଡ଼ିଆରୀ, ଦୁର୍ଗାଶଙ୍କର ନାୟକ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ । ଅଧ୍ୟକ୍ଷ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହଯୋଗ କାମନା କରିବା ପରେ ପରିଶେଷରେ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୪ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...
ଆଜିର ଶୈଶବ

ମଣିଷ ଜୀବନର ପ୍ରାଥମିକ ଅବସ୍ଥା ହେଉଛି ଶୈଶବ । ମାତୃଗର୍ଭରୁ ଜନ୍ମନେବାଠାରୁ କୈଶୋର ଅବସ୍ଥା ପର୍ଯ୍ୟନ୍ତ ତା'ର ଚପଳ ଗୁଣ ସମସ୍ତଙ୍କୁ ବିମୋହିତ କରେ । ଏହି ଅବସ୍ଥା ମଧ୍ୟରେ ତା'ର ପ୍ରତିଟି କାର୍ଯ୍ୟକଳାପ କ୍ଷମଣୀୟ ହୋଇଥାଏ । ତେଣୁ ଶିଶୁକୁ ଭଗବାନଙ୍କ ରୂପ ବୋଲି କୁହାଯାଏ । ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ । ତେଣୁ ସମାଜ ସବୁବେଳେ ଶିଶୁ ପାଇଁ ଯତ୍ନଶୀଳ ହୋଇଥାଏ । ହେଲେ ବର୍ତ୍ତମାନ ସମୟରେ ଆମେ ଶିଶୁଙ୍କ ସଠିକ ଯତ୍ନ ନେଇ ପାରୁନୁ । ଯେଉଁସବୁ ସାମଗ୍ରୀଠାରୁ ଶିଶୁଙ୍କୁ ଦୂରେଇ ରଖିବା ଉଚିତ ଆମେ ସେହିସବୁ ସାମଗ୍ରୀ ସହ ଖେଳିବା ପାଇଁ ତାକୁ ଉତ୍ସାହିତ କରୁଛୁ । ଯାହାଫଳରେ ଶିଶୁର ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଛି । ସେ କ୍ରମଶଃ ନିଜ ପାଠପଢ଼ାଠାରୁ ଦୂରେଇ ଯାଉଛି । ଯାହାକି ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ହେଉଛି । ଆଜିର ସମୟରେ ଆମେ ସାଧାରଣତଃ ଉନ୍ନତମାନର ଜ୍ଞାନକୌଶଳ ଉପରେ ନିର୍ଭର କରୁଛୁ । ତେଣୁ ଅଧିକାଂଶ ସମୟ ଟେଲିଭିଜନ୍, ମୋବାଇଲ୍ ଦେଖିବାରେ ସମୟ ଅତିବାହିତ କରିଥାଉ । ଏହାର ସିଧାସଳଖ ପ୍ରଭାବ ଶିଶୁ ଉପରେ ପଡ଼ିଥାଏ । କାରଣ ଶିଶୁଟି ମଧ୍ୟ ଟିଭି, ମୋବାଇଲ ଧରିବା ପାଇଁ ଜିଦ୍ କରିଥାଏ । କେମଲନମତି ଶିଶୁର ଜିଦ୍ ଆଗରେ ବାପାମାଆ ହାରିଯାଇ ଶିଶୁଟିକୁ ମୋବାଇଲ ସହ ଖେଳିବାକୁ ଦେଇଥାନ୍ତି । ଯାହାଫଳରେ ଶିଶୁଟି ନିଜ ପାଠପଢ଼ାଠାରୁ ଦୂରେଇ ଯାଇ ଅଧିକାଂଶ ସମୟ ଟିଭି ଓ ମୋବାଇଲ ଦେଖିଥାଏ । ବିଶେଷ କରି ମୋବାଇଲ ତାକୁ ଏତେମାତ୍ରାରେ ଆକର୍ଷଣ କରେ ଯେ ସେ ନିଜ ଖାଇବା ପିଇବା ଭୁଲି ମଧ୍ୟ ମୋବାଇଲରେ ବ୍ୟସ୍ତ ରହେ । ଆଜିକାଲି ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ମୋବାଇଲ ରହିଛି । ସ୍କୁଲ କ୍ୟାମ୍ପସରୁ ଛାତ୍ରଛାତ୍ରୀଙ୍କ ପାଖରୁ ମଧ୍ୟ ମୋବାଇଲ୍ ଜବତ କରାଯାଉଛି । ଆମେ ଜଣେ ଜଣେ ସଚେତନ ନାଗରିକ ହିସାବରେ ନିଜ ଶିଶୁର ସଠିକ୍ ଯତ୍ନ ନେବା ଉଚିତ । ଯେତେଦୂର ସମ୍ଭବ ଶିଶୁମାନଙ୍କୁ ମୋବାଇଲ୍ ଫୋନ୍‌ଠାରୁ ଦୂରେଇ ରଖିବାକୁ ହେବ । ନୂଆ ଟେକ୍ନୋଲୋଜି ସହ ଆମେ ଅଭ୍ୟସ୍ତ ହେବାକୁ ସମୟ ଲାଗୁଛି । ଉନ୍ନତ ଟେକ୍ନୋଲୋଜି ଜରିଆରେ ଆମ ପିଲାର ଭବିଷ୍ୟତ ଗଢ଼ିବା ପାଇଁ ଆମେ ତତ୍ପର ହେବା, କିନ୍ତୁ ନୂତନ ଜ୍ଞାନ କୌଶଳ ଜରିଆରେ ଯଦି କୋମଳମତି ଶିଶୁର ଭବିଷ୍ୟତ ଅନ୍ଧାରକୁ ଚାଲିଯାଉଛି ତାକୁ ଆମେ ଗ୍ରହଣ କରିବା ମୂର୍ଖାମୀ ହେବ ।

ବାଳବିକାଶ ଗୁରୁ ରାଷ୍ଟ୍ରର ସଂପତି

॥ ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ ॥

ଯୁଗେ ଯୁଗେ ଅବତାର ତାଙ୍କ ଅବତରଣର ଉଦ୍ଦେଶ୍ୟ ସାଧିତ କରିବାକୁ ଆସିଥାଆନ୍ତି ଏବଂ ଅନେକ କୃପା ସିକ୍ତ ବ୍ୟକ୍ତି ତାଙ୍କ ଦିବ୍ୟ ମିଶନର ଆୟୁଧ ସାଜି ଥାଆନ୍ତି । କଳିଯୁଗ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କ ଧର୍ମ ସଂସ୍ଥାପନ, ବେଦ ଉଦ୍ଧାରଣ, ବିଦ୍ୱତ୍ ପୋଷଣ,ଭକ୍ତ ସଂରକ୍ଷଣ ଏହି ପ୍ରମୁଖ ଅବତାରୀୟ ଉଦ୍ଦେଶ୍ୟ ମଧ୍ୟରେ ଧର୍ମ ସଂସ୍ଥାପନର ଦିବ୍ୟ ମିଶନରେ ମୁଖ୍ୟ ଭୂମିକା ରହିଛି ଶ୍ରୀ ସତ୍ୟସାଇ ବାଳବିକାଶର । ଶିଶୁକୁ ମୂଲ୍ୟବୋଧ ମନ୍ତ୍ରରେ ଅଭିମନ୍ତ୍ରିତ କରି ରାଷ୍ଟ୍ରକୁ ଉତ୍ତମ ବ୍ୟକ୍ତିତ୍ୱର ସନ୍ତାନ ଉପହାର ଦେଉଛନ୍ତି ବାଳବିକାଶ ଗୁରୁ । ଆଜି ସମାଜର ବିବିଧ କ୍ଷେତ୍ରରେ ସେମାନେ ନିଜ ପରାକାଷ୍ଠା ଦେଖାଇ, ଉତ୍କୃଷ୍ଟତା ପ୍ରତିପାଦିତ କରି ସମାଜ ପାଇଁ,ଦେଶ ପାଇଁ ଆଶାର ଆଲୋକ ସାଜିଛନ୍ତି, ବିଶ୍ୱାସର କେନ୍ଦ୍ର ବିନ୍ଦୁ ପାଲଟି ଯାଇଛନ୍ତି ଏବଂ ରାଷ୍ଟ୍ର ସେବାର ମହା ସ୍ରୋତରେ ନିଜକୁ ସମ୍ମିଳିତ କରି ଚାଲିଛନ୍ତି ।

କେତେ ଜନ୍ମର ପୂଣ୍ୟ 'ରେ ବାଳବିକାଶ ଗୁରୁ ହେବାର ଗୁରୁ ଭାର ଭଗବାନ ପ୍ରଦାନ କରିଥାଆନ୍ତି । ପ୍ରତି ମୁହୂର୍ତ୍ତରେ ଦିବ୍ୟ ପ୍ରେମକୁ ଅନୁଭବ କରି ଚାଲିଥାଏ ଗୁରୁଙ୍କର ପ୍ରତି ହୃଦ୍ ସ୍ପନ୍ଦନ । ଧର୍ମ ସଂସ୍ଥାପନାର ଦିବ୍ୟ ମିଶନରେ ସାଇ ବଗିଚାର ଟିକି କଳିକାଙ୍କ ପ୍ରସ୍ଫୁଟନର ଅପୂର୍ବ ଦାୟିତ୍ୱ ପ୍ରଭୁ କେତେ ବିଶ୍ୱାସରେ ଟେକି ଦେଇଛନ୍ତି ବାଳବିକାଶ ଗୁରୁଙ୍କ ହାତରେ,ଗୁରୁ ଉପାଧିରେ ଭୂଷିତ କରି । ସେଦିନ ଦିବ୍ୟ ହସ୍ତରେ ବପନ କରିଥିବା ବୀଜ ଆଜି ପ୍ରେମର ଜଳ ସିଂଚନରେ ପ୍ରସ୍ଫୁଟିତ,ବିକଶିତ ତଥା ସୁଗନ୍ଧିତ ।

୧୯୬୯ ମସିହାରେ ଭଗବାନ "ବାଳ ବିହାର"ର ଶୁଭାରମ୍ଭ କରିଥିଲେ ଏବଂ ଏହାର ଦାୟିତ୍ୱ ମହିଳା ବିଭାଗକୁ ଦେଇଥିଲେ । ସେ ଚାହୁଁଥିଲେ, ଏ ଦେଶର ଶିଶୁ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ଜାଣୁ, ଗପ, ଗୀତ ନାଚ, ଖେଳ ମଧ୍ୟରେ ମୂଲ୍ୟବୋଧର ଅଭ୍ୟାସ କରୁ, ରାମାୟଣ ମହାଭାରତର କାହାଣୀ ଶୁଣୁ, ମାଆର ପ୍ରେମଭରା ସ୍ପର୍ଶରେ ପ୍ରେମଭରା ପରିବେଶରେ ସେ ବଢୁ, ସ୍ୱଦେଶ ପ୍ରୀତି ତା ଭିତରେ ବଢୁ ।୧୯୭୧ ମସିହାରେ ଭଗବାନ ବାବା ଏହାକୁ "ଶ୍ରୀ ସତ୍ୟସାଇ ବାଳବିକାଶ"ନାମରେ ନାମିତ କଲେ ଯେଉଁଠି ଶିଶୁର ୯ ବର୍ଷର ଶିକ୍ଷା ଗ୍ରହଣ ମଧ୍ୟରେ ଶାରୀରିକ,ମାନସିକ,ବୌଦ୍ଧିକ,ଆବେଗିକ ଏବଂ ଆତ୍ମିକ ବିକାଶ ସାଧିତ ହୋଇଥାଏ ଏବଂ ଜୀବନକୁ ସାର୍ଥକ କରେ । ଗୁରୁ କେବଳ ଶିକ୍ଷା ଦିଅନ୍ତିନି, ନିଜ ଜୀବନରେ ପାଳନ କରନ୍ତି । ମାଆ ଚଢ଼େଇ ଯେମିତି ଖାଦ୍ୟକୁ ଚୋବେଇ କଅଁଳ କରି ନିଜ ଶିଶୁ ଶାବକକୁ ଖାଇବାକୁ ଦିଏ ବାଳବିକାଶ ଗୁରୁ ତାଙ୍କ ଉପଦେଶକୁ ନିଜ ଜୀବନରେ ଆଚରଣରେ ଦେଖାଇ ଶିଶୁ ପାଇଁ ପ୍ରେରଣାର ଉତ୍ସ ହୋଇଯାଆନ୍ତି । ମନେ ପଡେ ୧୯୭୯ ମସିହାର ସେହି ସର୍ବ ଭାରତୀୟ ସମ୍ମିଳନୀରେ ଭଗବାନଙ୍କ ଦିବ୍ୟ ସମ୍ଭାଷଣ । କେତେ ପ୍ରେମର ସହ ଅତି ଆପଣାର ବାଳବିକାଶ ଗୁରୁଙ୍କୁ ସଗର୍ବେ କହିଥିଲେ, "ବାଳବିକାଶ ଗୁରୁ ମୋର ସଂପତ୍ତି ତଥା ରାଷ୍ଟ୍ରର ସଂପତ୍ତି ।" ସେହି ପଦିଏ କଥା, ସହସ୍ର ଏକ ନିଶ୍ୱ, ତ୍ୟାଗ ତପସ୍ୟା, ନିର୍ମଳ ନିଃସ୍ୱାର୍ଥ ପ୍ରେମର ଧରୋହର ବାଳବିକାଶ ଗୁରୁଙ୍କ ଏକମାତ୍ର ପୁଞ୍ଜି ଏବଂ ରାଷ୍ଟ୍ର କୋଣାର୍କର ନିର୍ମାଣରେ ନିର୍ଲିପ୍ତ ଭାବରେ ତାଙ୍କୁ ବ୍ରତୀ କରି ପାରିଛି । ୧୯୯୪ ମସିହା ବୃନ୍ଦାବନ, ବାଙ୍ଗାଲୋର ସର୍ବ ଭାରତୀୟ ଗୁରୁ ସମ୍ମିଳନୀର ମାହେନ୍ଦ୍ର ବେଳା । ସାରା ଭାରତ ବର୍ଷରୁ ଆସି ଏକତ୍ରିତ ହୋଇଥିବା ବାଳବିକାଶ ଗୁରୁ ପଞ୍ଜିକରଣ ମାଧ୍ୟମରେ କିଛି ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ । ଭଗବାନଙ୍କ ମାତୃ ହୃଦୟ ବିକଳି ଉଠିଥିଲା । ସେସବୁ ଅର୍ଥକୁ ଫେରାଇ ଦେବାକୁ କହି ସେ କହିଥିଲେ, 'ମୋ ସନ୍ତାନମାନେ ତାଙ୍କ ମାଆ ଘରକୁ ଆସିଛନ୍ତି ପରା' । ସେହି ଅମୃତୋପମ ମାତୃ ପ୍ରେମ ପାଇଁ ଆଜି ପ୍ରତି ଗୁରୁଙ୍କ ଜୀବନ ଧନ୍ୟ ।

ପ୍ରଭୁ ଆମର ମାତା,ପିତା ବନ୍ଧୁ, ସଖା ସବୁ କିଛି । ସେଦିନ, ବର୍ତ୍ତମାନର ଜାତୀୟ ଶିକ୍ଷା ସଂଯୋଜିକା,ବାଳବିକାଶ ଗୁରୁ ଶ୍ରୀମତୀ କମଳା ପାଣ୍ଡିଆଙ୍କ ବିବାହ ଉତ୍ସବର ଆୟୋଜନ ନିଜେ ଶ୍ରୀ ସତ୍ୟସାଇ ବାବା କରୁଥାଆନ୍ତି । ଭାବ ବିହ୍ୱଳିତ ହୋଇ ଶ୍ରୀମତୀ ପାଣ୍ଡିଆ କହି ଉଠିଲେ,'ପ୍ରଭୁ ମୋ ଭଳି ଜଣେ ସାମାନ୍ୟ ମନୁଷ୍ୟ ପାଇଁ ଆପଣ ଏତେ ଶ୍ରମ କାହିଁକି କରୁଛନ୍ତି" । ସଙ୍ଗେ ସଙ୍ଗେ ପ୍ରଭୁ ଉତ୍ତର ଦେଇଥିଲେ "ତୁ ମୋର ବାଳବିକାଶ କାମରେ ଲାଗିଛୁ, ମୁଁ ଜଣ ତୋ ପାଇଁ ଏତିକି କରି ପାରିବି ନି' । 'ମୋର ବାଳବିକାଶ' ଏଥିରୁ ଜଣା ପଡେ ପ୍ରଭୁଙ୍କ ତାହା କେତେ ପ୍ରିୟ । ବାଳବିକାଶ ତାଙ୍କ ହୃଦୟ, ବାଳବିକାଶ ଗୁରୁ ତାଙ୍କର ଅତି ପ୍ରିୟ ଆଉ ସେ ସହସ୍ର ବାଳବିକାଶ ଗୁରୁଙ୍କ ପ୍ରାଣ ଧନ ।ବାଳବିକାଶର ପିଲା ଗୁରୁଙ୍କ ପ୍ରେମ ସନ୍ତାନ ଯେଉଁଠି ତୋର ମୋର ସଂର୍ପକର ବହୁ ଉର୍ଦ୍ଧ୍ୱରେ ସମସ୍ତେ ଅତି ଆପଣାର ଏବଂ ସମସ୍ତଙ୍କ ପ୍ରତି ଗୁରୁ ସମାନ ବ୍ୟବହାର ପ୍ରଦର୍ଶିତ କରିଥାନ୍ତି ।

ଭଗବାନ୍ ସବୁବେଳେ ପାଖେ ପାଖେ ଥିବାର ଅନୁଭବ ପ୍ରଦାନ କରି ନିଜେ ହିଁ ଏହି ଗୁରୁ ଭାର ବହନ କରିଛନ୍ତି । ଗୁରୁଙ୍କୁ ନିମିତ କରିଛନ୍ତି ,ଏହା ତାଙ୍କର ଅନାବିଳ ଦିବ୍ୟ ପ୍ରେମ । କେତେବେଳେ ନିଜେ ଗୁରୁଙ୍କ ହୃଦୟ ମାନସରେ ନୂଆ ନୂଆ ଚିନ୍ତନର ନିର୍ଝର ରୂପେ ପ୍ରତିଭାତ ହେଉଛନ୍ତି ତ କେତେବେଳେ ଗୁରୁଙ୍କ ପ୍ରତିଟି ନିର୍ମଳ ପ୍ରାର୍ଥନାର ପ୍ରତ୍ୟୁତର ଦେଇ ଆସୁଛନ୍ତି, ପୁଣି କେତେବେଳେ ବାଳବିକାଶ ଗୁରୁଙ୍କ ବ୍ୟାକୁଳତା ଓ ବିବଶତାକୁ ବୁଝି ନିଜେ ହିଁ ସଶରୀରେ ଆସି କ୍ଲାସ୍ ଟି ନେଇ ପ୍ରିୟ ବାଳବିକାଶ ପିଲାଙ୍କ ଉପରେ ଅଜସ୍ର କୃପା ବର୍ଷା କରୁଛନ୍ତି ଏବଂ ଗୁରୁଙ୍କୁ ପ୍ରତି ମୁହୂର୍ତ୍ତରେ ଏହି ଅନୁଭବ ପ୍ରଦାନ କରୁଛ "ବଙ୍ଗାରୁ, ମୁଁ ଥାଉ ଥାଉ ଭୟ କାହିଁକି ? ଶ୍ରୀ ସତ୍ୟସାଇ ବାବା କହିଛନ୍ତି," ବାଳ ବିକାଶ ଗୁରୁ ମୋ ସହ ସିଧା ବାର୍ତ୍ତାଳାପ କରି ପାରିବେ ।" ତାଙ୍କ ଅଭୟ ବରଦ ହସ୍ତର ଛତ୍ର ଛାୟା ତଳେ ଥିବା ନିର୍ଭୟ, ଭାବପୂର୍ଣ୍ଣ ହୃଦୟରେ ସଦା ଅନୁରଣିତ ହେଉଛି ଦିବ୍ୟ ବାଣୀର ଝଙ୍କାର । ଭଗବାନ କହିଛନ୍ତି, ବାଳବିକାଶ ପିଲା ରୂପରେ ତୁମ ପାଖକୁ ଆସୁଥିବା ସାଇରାମଙ୍କ ସେବାରେ ନିଜକୁ ହଜେଇ ଦିଅ ଏବଂ ଶ୍ରୀରାମଙ୍କ ଦର୍ଶନରେ ଶବରୀ ଯେଉଁ ଆନନ୍ଦର ଅଧିକାରୀ ହୋଇଥିଲେ ତୁମେ ମଧ୍ୟ ସେହି ଆନନ୍ଦର ଅଧିକାରୀ ହୁଅ । ଆଃ, କି କରୁଣା । ଟିକି କଳିକାଙ୍କ ରୂପରେ ନିଜେ ଗୁରୁଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଆନନ୍ଦ ବର୍ଦ୍ଧନ କରୁଛନ୍ତି ପୁଣି ନିଜେ ଗୁରୁ ଭାର ବହନ କରି ଗୁରୁ ଓ ଶିଷ୍ୟ ଉଭୟଙ୍କୁ ରୂପାନ୍ତରଣର ପଥେ ଘେନି ଯାଉଛନ୍ତି । ଭଗବାନଙ୍କ ସର୍ବୋତ୍କୃଷ୍ଟ ଚମତ୍କାରିତା ହେଉଛି,ତାଙ୍କର ରୂପାନ୍ତରଣର କଳା । ପିଲାଙ୍କ ଭିତରେ ମାନବୀୟ ମୂଲ୍ୟବୋଧର ବୀଜ ବପନରେ,ତାଙ୍କୁ ଗଢିବାର ପ୍ରୟାସରେ, ଟିକି କଳିକା ମଧ୍ୟରେ ପୂର୍ଣ୍ଣ ବିକଶିତ ହେବାର ସମ୍ଭାବନାକୁ ଅନୁଭବ କରିବା ମଧ୍ୟରେ ଗୁରୁ ନିଜକୁ ହିଁ ରୂପାନ୍ତରଣର ଧାରାରେ ପାଉଛନ୍ତି । ବାଳବିକାଶକୁ ଜୀବନର ଆଧାର ତଥା ଜୀବନର ଶୈଳୀ ରୂପରେ ପ୍ରଦାନ କରି ଭଗବାନ ନିଜେ ହିଁ ଜୀବନ ଆଧାର ହୋଇ ଯାଇଛନ୍ତି ଏବଂ ଶ୍ରୀ ସତ୍ୟସାଇ ବାଳବିକାଶ ହିଁ ପାଲଟିଛି ଗୁରୁଙ୍କ ଜୀବନ ସଙ୍ଗୀତ ।

ଯେତେବେଳେ ଶ୍ରୀମତୀ କମଳା ପାଣ୍ଡିଆଙ୍କୁ ଶ୍ରୀ ସତ୍ୟସାଇ ବାବା ପଚାରୁଛନ୍ତି, "ତୋର କେତୋଟି ପିଲା" ଏବଂ ନବ ବିବାହିତା ଶ୍ରୀମତୀ ପାଣ୍ଡିଆ ନାସ୍ତିବାଚକ ଉତ୍ତର ବା ନିରୁତ୍ତର ପ୍ରାୟ ହେଉଛନ୍ତି ଭଗବାନ ସମ୍ମୁଖରେ ଥିବା ହଜାର ହଜାର ପିଲାଙ୍କୁ ଦେଖାଇ କହୁଛନ୍ତି,"ତାହେଲେ ଏମାନେ ସମସ୍ତେ କିଏ ?" ବାଳବିକାଶ ପିଲା ରୂପରେ ତାଙ୍କୁ ହିଁ ପ୍ରେମ ପୁତ୍ର ରୂପେ ପାଇ, ତାଙ୍କ ଦିବ୍ୟ ପ୍ରେମ ବିତରଣ ପାଇଁ ନିଜକୁ ନିମିତ ଭାବରେ ପାଇ, ଅନ୍ତର୍ଜଗତକୁ ଯାତ୍ରାର ଅପୂର୍ବ ସୁଯୋଗ ପ୍ରାପ୍ତ କରି ବାଳବିକାଶ ଗୁରୁଙ୍କ ହୃଦୟ ପ୍ରତି ମୁହୂର୍ତ୍ତରେ କୃତଜ୍ଞତାରେ ପରିପୂର୍ଣ୍ଣ । ସେହି କୃତଜ୍ଞତା ପୂର୍ଣ୍ଣ ହୃଦୟ ସଦା ଗାଇ ଚାଲୁ ଏହି ନିବିଡ ବନ୍ଧନର ସୁମଧୁର ରାଗିଣୀ ।"ବାଳବିକାଶ ଗୁରୁ ଦେଶର ସଂପତି" ଭଗବାନଙ୍କ ଏହି ଦିବ୍ୟ ବାଣୀରେ ସଦା ଅନୁପ୍ରାଣିତ ହୋଇ, ଦେବ ଶିଶୁ ନିର୍ମାଣ ମାଧ୍ୟମରେ ରାଷ୍ଟ୍ର କୋଣାର୍କର ନିର୍ମାଣରେ ଗୁରୁ ବ୍ରତୀ ରହି ଥାଆନ୍ତୁ ।

ଖରିଆର ରୋଡ, ନୂଆପଡ଼ା

ମଣିଷ ସବୁଠୁ ବଡ଼ ଶକ୍ତି ହେଉଛି ପରିବାର

॥ ରବିନାରାୟଣ ପଟ୍ଟନାୟକ ॥

ପରିବାର ମଣିଷର ଶକ୍ତି କୁ ଦୁଇ ଗୁଣିତ କରିଥାଏ । ଏକାଠି ରହିବାକୁ ପରିବାର କୁହାଯାଏନି ବରଂ ଏକାଠି ରହି ସୁଖ ଦୁଃଖ ବା[ବାକୁ ପରିବାର କୁହାଯାଏ । ବର୍ତ୍ତମାନ ସମୟରେ ମଣିଷ ବିରାଟ ବଡ଼ ପରିବାର ଭିତରେ ଏକା ହେଇଯାଉଛି । ଯେତେ ବିପଦ ଆସୁ ପଛେ ଯଦି ପରିବାର ଏକାଠି ରହେ ତା ହେଲେ ସେଇ ବିପଦ ସାମ୍ନା ମଣିଷ ସହଜରେ କରିପାରେ । କୁହା ଯାଏଁ ଗୋଟେ କାଠିକୁ ଭାଙ୍ଗିବା ସହଜ କିନ୍ତୁ ବିଡା କାଠି କୁ ଭାଙ୍ଗିବା କଷ୍ଟ ।ସେମିତି ଯଦି ପରିବାର ଭିତରେ ଏକତା ରହେ ସେତେବେଳେ ଯେତେ ବିପଦ ଆସୁ ପଛେ ତାକୁ ସହଜ ରେ ଜଣେ ସାମ୍ନା କରି ପରେ । ଆଜିର ସମୟରେ ସମ୍ପର୍କ ଠୁ ଅଧିକ ସମ୍ପତି ଉପରେ ମଣିଷ ଗୁରୁତ୍ୱ ଦଉଛି ମଣିଷ କିନ୍ତୁ ଭୁଲି ଯାଉଛି ଏକ କ୍ଷଣ ସ୍ଥାୟୀ ।ଯେତେ ଯାହା କରି ଦିଅ ଯଦି ନିଜ ଲୋକ ନିଜ ପାଖରେ ନ ଥାଆନ୍ତି ଯେତେ ବଡ଼ ଘର କର ନିଜ ଦୁଃଖ ରଖିବାକୁ ଜାଗା ନ ଥିବ । ଗୋଟେ ଗାଁ ରେ ଜଣେ ମୁଖିଆ ଥିଲେ ସେଇ ଗାଁ ରେ ସେଇ ମୁଖିଆ ଙ୍କ ବହୁତ୍ ସମ୍ପତି ଥିଲା । ତାଙ୍କ ର ଦୁଇ ଛୋଟ ପୁଅ ଖାଲି ଥିଲେ । ଦୁଇ ପିଲାଙ୍କୁ ଭଲ ପାଠ ପଢ଼େଇବାକୁ ସେ ସହର କୁ ନେଇ ଚାଲି ଆସିଲେ । ଦୁଇ ପୁଅଙ୍କୁ ସହର ରେ ମଣିଷ କରିବାକୁ ଯାଇକି ସେ ଗାଁ ସହିତ ଆଉ ସଂପର୍କ ରଖି ପାରିଲେନି । ଏହି ଭିତରେ ଦୁଇ ବଡ଼ ହେଇଗଲେ ଆଉ ଭଲ ରେ ଚାକିରି ମଧ୍ୟ କଲେ ଗୋଟେ ଦିନ ଦୁଇ ଭାଇ ଙ୍କ ଭିତରେ ଯେଉଁ ଘରେ ରହୁଥିଲେ ସେ ଘର କାହାର ହବ ସେ ନେଇ ଝଗଡ଼ା କଲେ । ବାପା ଏଇ କଥା କୁ ଶୁଣୁ ଥାଆନ୍ତି ।କିଛି ସମୟ ପରେ ସେ ହସିବା ଆରମ୍ଭ କଲେ । ଦୁଇ ପୁଅ ବାପା ଙ୍କ ଏମିତି ବ୍ୟବହାର ଦେଖିକି ଆଶ୍ଚର୍ଯ୍ୟ ହେବା ସହ ବାପାଙ୍କୁ ପଚାରିଲେ ଆମେ ଝଗଡ଼ା କରୁଛୁ ତମେ ହସୁଛ । ବାପା ଦୁଇ ଜଣଙ୍କୁ କହିଲେ ତମେ କାଲି ମୋ ସହିତ ଯିବ ମୁଁ ତମକୁ ଗୋଟେ ଜାଗା ଦେଖେଇବି । ସକଳେ ବାପା ଦୁଇ ପୁଅ ଙ୍କୁ ନେଇକି ଗାଁକୁ ଗଲେ । ସହର ରୁ ଗାଁ ୬ ଗଣ୍ଟା ର ରାସ୍ତା । ବସ ରେ ତିନି ଜଣ ଯାଉଥାନ୍ତି । ଯେତେବେଳେ ଗାଁ ରେ ପହଂଚିଲେ ବାପା ଆଉ ଦୁଇ ପୁଅ । ଯେତେବେଳେ ଗାଁ ର ଶେଷ ଘରେ ପହଂଚିଲେ ଦେଖିଲେ ବିରାଟ ବଡ଼ ଘର ଯାହା ଭାଙ୍ଗି ଯାଇଥାଏ । ଖରାପ ଅବସ୍ଥା ରେ ପଡ଼ିଥାଏ ଘରଟି । ଯେତେବେଳେ ବାପା ଏହି ଦୃଶ୍ୟ ଦେଖିଲେ ବାହାରେ ସେଇଠି ବସିକି କାନ୍ଦିବା ଆରମ୍ଭ କଲେ । ଦୁଇ ପୁଅ ଏହା ଦେଖିକି ଜାଣି ପାରୁନଥାନ୍ତି ବାପା ଙ୍କୁ କଣ ହେଲା ବାପା କଣ ପାଇଁ କାନ୍ଦୁଛନ୍ତି । ବାପାଙ୍କୁ ପଚାରିଲେ ବାପା କଣ ହେଲା କଣ ପାଇଁ କାନ୍ଦୁଛ ବାପା କହିଲେ ମନେ ପକାଅ ଛୋଟ ବେଳ ଯେତେବେଳେ ଏଇଠି ତମେ ଦୁଇ ଭାଇ ଖେଳୁଥିଲ । ହୁଏତ ତମର ଭଲରେ ମନ ନ ଥିବ ମୁଁ ତମକୁ ଭଲ ମଣିଷ କରିବାକୁ ସହର କୁ ନେଇ ଯାଉଥିଲି । ଏଇ ଘର ପାଇଁ ମୁଁ ମୋ ବଡ଼ ଭାଇ ସହିତ ଝଗଡା କରିଥିଲି । ଯେହେତୁ ସେ ବଡ଼ ନିଜର ବଡ଼ ହୃଦୟ ଦେଖେଇକି ମତେ ପୁରା ଘର ଛାଡିକି ତା ପରିବାର ସହିତ ବିଦେଶ ରେ ରହୁଛି । ସେଇ ଦିନ ଠାରୁ ମୋ ସହିତ ସମ୍ପର୍କ ମଧ୍ୟ ଆଉ ରଖିନି । କିନ୍ତୁ ଆଜି ଦେଖ ଏଇ ଘର ଭଙ୍ଗିକି କଣ ହେଇଛି । ବାପା କହିଲେ ମତେ ଗୋଟେ କଥା କୁହ ଯେଉଁ ବସ ରେ ଆମେ ବସିକି ଆସିଲେ ସେଇଟା କଣ ଆମର ସବୁ ଦିନ ପାଇଁ ହେଇପାରିବ । ଦୁଇ ଭାଇ ଜଣଙ୍କ ହସିକି ଉତ୍ତର ଦେଲେ ଆମର କେମିତି ହବ ଏମିତି ତ ବସ ଚାଲିଥିବ କେତେ ଜଣ ଆସିବେ ଆଉ ଯିବେ । ବାପା କହିଲେ ଏଇଥି ପାଇଁ ତମେ କଣ ଝଗଡା କରି ପାରିବ । ପିଲା ମାନେ ଉତ୍ତର ଦେଲେ ଏତେ ଛୋଟ କଥା ପାଇଁ ଝଗଡ଼ା କରିବୁ । ବାପା କହିଲେ ଏଇ କଥା ମୁଁ ବୁଝାଉଛି କାଲି ତମେ ଯେଉଁଥି ପାଇଁ ଝଗଡା କରୁଥିଲ ସେଇଟା ବି ତ ବସ ର ଯାତ୍ରା ପରି କିଏ କେତେବେଳେ ଆସିବେ ଆଉ ଯିବେ । ଯେଉଁ ଘର ପାଇଁ ଆମେ ଦୁଇ ଭାଇ ଅଲଗା ହେଇ ଗଲୁ ଆଜି ସେଇଟା କଣ ହେଇକି ପଡ଼ିଛି । ସମ୍ପର୍କ ଠୁ ଅଧିକ ସମ୍ପତି ନୁହେଁ । ପରିବାର ଏକାଠି ରହିଲେ ତମେ ସବୁକିଛି କରିପାରିବ ।

ଭୁବନେଶ୍ୱର , ୯୯୩୮୧୧୩୨୨୬

ଆମ ଗ୍ରାମରେ ଜଣେ ଅଗ୍ନି ହୋତ୍ରୀଙ୍କ ଉଦ୍ୟମରୁ ବାର୍ଷିକ ଯଜ୍ଞ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ମଧୁମେହ ବା ଡାଏବେଟିସ, ଏହାକୁ ନେଇ ଅନେକଙ୍କ ଭିତରେ ଅଜଣା ଆତଙ୍କ । ବର୍ତ୍ତମାନର ସମୟରେ ଡାଏବେଟିସ ଏକ ପ୍ରକାର ଘାତକ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତିବର୍ଷ ବିଶ୍ୱ ମଧୁମେହ ଦିବସ ନଭେମ୍ବର ୧୪ ତାରିଖରେ ପାଳନ ହୋଇଥାଏ । ସୂଚନାଥାଉକି ଇ[ରନ୍ୟାସନାଲ ଡାଇବେଟିସ୍ ଫେଡେରେସନ ଏବଂ ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନ୍ ଦ୍ୱାରା ଏହି ଦିବସ ୧୯୯୧ରୁ ପାଳନ କରାଯାଉଛି । ଏହି ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ମଧୁମେହ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି ଘାତକ ରୋଗକୁ କିପରି ପ୍ରତିରୋଧ କରିହେବ ସେ ସମ୍ପର୍କରେ ଆଜିର ଦିନରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଏ । ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ବାର୍ତ୍ତା ହେଉଛି 'ଜୀବନ ପର୍ଯ୍ୟାୟରେ ମଧୁମେହ' । ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଏହ ମଧୁମେହ ସହିତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ସହିତ ସମ୍ପର୍କ କ'ଣ ରହିଛି ? ବାସ୍ତବରେ ଲିଭର ଏକ ବିରାଟ ଲେବୋରେଟରି ବା ରସାୟନାଗାର । ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟର ମଧ୍ୟ ଭାଗର ଡାହାଣପଟକୁ ମଧ୍ୟଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପିଞ୍ଜରାହାଡ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ଥିବାବେଳେ ଏହାକୁ ଶରୀରର ବିଜ୍ଞାନାଗାର କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ସମୟରେ ଏହା ବହୁତ ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ସୃଷ୍ଟି କରିବାରେ ଯକୃତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନ ଆବଶ୍ୟକ ପଡ଼େ ଯଥା ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ତାହା ଯକୃତ ଲେବୋରେଟରିରେ ହିଁ ତିଆରି ହୁଏ । ପିତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତନଳୀରୁ ପିତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଶର୍କରା ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଂଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଲିଭର ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ ।

ଏହି ବ୍ୟସ୍ତବହୁଳତା ମଧ୍ୟରେ ଯକୃତ ତାର କର୍ମ କରୁଥିବା ସମୟରେ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଯକୃତର ସମସ୍ୟା ବଢ଼ିଯାଏ । ମଧୁମେହ ଓ ଯକୃତ ପରସ୍ପର ନିର୍ଭରଶୀଳ । ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ୍ୟ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ । ଏହା ବାଦ ଦେଇ ଅନ୍ୟ କେତେକ ରୋଗରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି । ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ ଚର୍ବି ଜମିଯାଏ । ଏହାକୁ ଫ୍ୟାଟିଲିଭର କୁହନ୍ତି । ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ । ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ । ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ । ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗୁଳ୍ଟିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ । ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ୍ୟ ଅଧିକ । ମଧୁମେହରେ ଲିଭରର ପିତ କୋଷରେ ପଥର ସୃଷ୍ଟି ହୁଏ । ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ ବେଳେ ଜଣ୍ଡିସ୍ ହୁଏ । ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ । ବେଳେବେଳେ ରୋଗୀମାନେ ସେଥିରେ ମୃତ୍ୟୁବରଣ କରନ୍ତି । ମଦ୍ୟପାନ ଓ ହେପାଟାଇଟିସ୍ 'ବି', 'ସି'କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ । ମଧୁମେହ ବା ହେପାଟାଇଟିସ୍ 'ବି' ଓ 'ସି' ଜୀବାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି । ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ । ଲିଭରରେ ଅତ୍ୟଧିକ ଲୌହକଣିକା ଜମିଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ । ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି । ଅଟୋଇମ୍ୟୁନ୍ ଲିଭର ରୋଗରେ ମଧ୍ୟ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ । ଏହାକୁ ଟାଇପ-୧ ଡାଏବେଟିସ ଓ ଅଟୋଇମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି ।

ଏକ ସନ୍ତୁଳିତ ଜୀବନ ନିର୍ବାହ କରନ୍ତୁ, ତେବେ ଗୋଟିଏ କଥା ଭଲ ଭାବେ ମନେରଖନ୍ତୁ, ଏ କ୍ଷେତ୍ରରେ ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ । ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ । ମନୁଷ୍ୟର ଚେତା ମଧ୍ୟ ବୁଡ଼ିଯାଏ । ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ । ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ । ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି । ଚିକିତ୍ସା ନିମିତ୍ତ ଲିଭରର ସୁରକ୍ଷା ପାଇଁ ବିଭିନ୍ନ ଔଷଧ ସହିତ ଇନସୁଲିନ ମଧ୍ୟ ଆବଶ୍ୟକତା ପଡ଼ିଥାଏ । କେତେକ କ୍ଷେତ୍ରରେ ରୋଗୀଙ୍କୁ ଆଇସିୟୁରେ ରଖିବାକୁ ପଡ଼ିଥାଏ । ତେଣୁ ସର୍ବପ୍ରଥମେ ନିଜେ ସତର୍କ ରହିଲେ ଏବଂ ନିୟମିତ ଶାରୀରିକ କୁସ୍ତିକସରତ, ଯୋଗାସନ ପ୍ରାଣାୟମ ମଧୁମେହର ନିଆଁକୁ କମାଇବା ପାଇଁ ଯଥେଷ୍ଟ । ଏହା ପରୋକ୍ଷରେ ଯକୃତର ସୁରକ୍ଷା ମଧ୍ୟ କରିଥାଏ ।

ଅବସରପ୍ରାପ୍ତ ପ୍ରଫେସର ଓ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ରାଷ୍ଟ୍ର-ନିର୍ମାତା ନେହରୁ ଓ ଶିଶୁ ଦିବସ

॥ ଡକ୍ଟର ସୁରେଶ କୁମାର ନାୟକ ॥

ପଣ୍ଡିତ ଜବାହରଲାଲଙ୍କର ପୂର୍ବଜମାନେ ଥିଲେ କାଶ୍ମୀରର ମୂଳ ବାସିନ୍ଦା । ଜାତିରେ ସାରସ୍ୱତ ବ୍ରାହ୍ମଣ । ସେମାନେ ଥିଲେ କୌଲ ସାଙ୍ଗିଆଧାରୀ । ଉଭୟ ସଂସ୍କୃତ ଓ ପାରସୀ ଭାଷାରେ ସେମାନଙ୍କର ଦକ୍ଷତା ଏବଂ ପାଣ୍ଡିତ୍ୟ ଦେଖି ମୁଗଲ୍ ସମ୍ରାଟ ଫରୁଖ ସିୟର ନେହରୁଙ୍କ ଜନୈକ ପୂର୍ବଜଙ୍କୁ ଦିଲ୍ଲୀ ନିମନ୍ତ୍ରିତ କରି ସ୍ଥାୟୀ ଭାବେ ବସବାସ କରିବା ନିମନ୍ତେ ବାସଗୃହ ଓ ଭୂ-ସଂପତି ଯୋଗାଇଦେଇଥିଲେ । ନହର ନାମକ କେନାଲ ପାର୍ଶ୍ୱରେ ଜାଗିରି ସ୍ୱରୂପ କେତେକ ଗ୍ରାମ ପ୍ରଦାନ କରିଥିଲେ । ନହର ଜାଗିରି ପାଇବା ପରେ ସେହି ପୂର୍ବଜ ନାମିତ ହୋଇଥିଲେ ରାଜ କୌଲ ନହର ଭାବେ । ପରେ ସେମାନଙ୍କର ମୂଳ ସାଙ୍ଗିଆ ଲୋପ ପାଇବା ସହ ନହର ଅପଭ୍ରଂଶ ହୋଇ ପରିଣତ ହୋଇଥିଲା । ନେହରୁରେ । ନେହରୁଙ୍କ ଜେଜେବାପା ଗଙ୍ଗାଧର ଦିଲ୍ଲୀରେ ବ୍ରିଟିସ ପୁଲିସ୍ ବିଭାଗୀୟ ଉଚ୍ଚପଦାଧିକାରୀ ଥିଲେ । ସିପାହୀ ବିଦ୍ରୋହ ସମୟରେ ତାଙ୍କ ପରିବାର ଦିଲ୍ଲୀ ପରିତ୍ୟାଗ କରି ପ୍ରଥମେ ଆଗ୍ରା ଏବଂ ତା'ପରେ ଚାଲିଆସିଥିଲେ ଆହ୍ଲାବାଦ । ନେହରୁଙ୍କ ପିତା ମୋତୀଲାଲଙ୍କ ଜନ୍ମ ଆହ୍ଲାବାଦରେ ହୋଇଥିଲା । ନେହରୁଙ୍କ ଶୈଶବର ମୁଖ୍ୟ ଭାଗ ଏହ୍ଲାବାଦ ହିଁ କଟିଥିଲା ଆନନ୍ଦ ଭବନ ପ୍ରାସାଦରେ । ପିତା ଥିଲେ ପ୍ରତିଷ୍ଠିତ ଓକିଲ । ଅର୍ଥ ଓ ପ୍ରତିପତି ଉଭୟ ଥିଲା । ନେହରୁଙ୍କ ପିଲା ଦିନ କଟିଥିଲା ଚାକ-ଚକ୍ୟ, ବିଳାସ-ବ୍ୟସନ ମଧ୍ୟରେ । ତାଙ୍କର ବାଲ୍ୟଶିକ୍ଷା ବିଦ୍ୟାଳୟ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ ବୋଲି ମୋତୀଲାଲ ମନେକରୁଥିଲେ । ପୁଅକୁ ପଢ଼ାଇବା ପାଇଁ ଏକାଧିକ ଦେଶୀ-ବିଦେଶୀ ଘରୋଇ ଶିକ୍ଷକ ନିଯୁକ୍ତି କରିଥିଲେ । ସେମାନଙ୍କ ଭିତରେ ଥିଲେ ୟୁରୋପୀୟ ଶିକ୍ଷକ ଟି ବ୍ରୁକ୍‌ସ, ଯାହାଙ୍କ ଦ୍ୱାରା ନେହରୁ ସର୍ବାଧିକ ପ୍ରଭାବିତ ହୋଇଥିଲେ । ବ୍ରୁକ୍‌ସଙ୍କ ପ୍ରଚେଷ୍ଟାରେ ସେ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଇତିହାସ ପଠନରେ ମନଦେଇଥିଲେ । ଏହା ଦ୍ୱାରା ତାଙ୍କ ଜୀବନଧାରା ମାର୍ଜିତ ହୋଇପାରିଥିଲା । ପରେ ସେ ଲଣ୍ଡନର ହାରୋ ବିଦ୍ୟାଳୟ ଓ କ୍ୟାମ୍ବ୍ରିଜ୍‌ର ଟ୍ରିନିଟି ମହାବିଦ୍ୟାଳୟରେ ପଢ଼ିଥିଲେ । ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ହେବା ପରେ ଲଣ୍ଡନରେ ଆଇନ ମଧ୍ୟ ପାଠ କରିଥିଲେ । ପ୍ରଥମେ ଆଇନକୁ ପେସା କରିବା ନିମନ୍ତେ ନିଷ୍ପତି ନେଇଥିଲେ ହେଁ ପରେ ସେଥିରୁ ଓହରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଥିଲେ ସେ । ଗାନ୍ଧୀଙ୍କ ଇଛା କ୍ରମେ ତାଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ମିଳିଥିଲା । ଆଉ ସେ ଭାରତୀୟଙ୍କୁ ହତାଶ କରି ନଥିଲେ । ତାଙ୍କ ଉଦ୍ୟମରେ ସ୍ୱାଧୀନତାର ତିନିବର୍ଷ ମଧ୍ୟରେ ଭାରତ ଏକ ଗଣତନ୍ତ୍ରରେ ପରିଣତ ହୋଇଥିଲା । ଭାରତୀୟମାନେ ପାଇଥିଲେ ଏକ ବଳିଷ୍ଠ ସମ୍ବିଧାନ; ଯାହା ଯୋଗୁଁ ଆମେ ସଗର୍ବେ ସ୍ୱାଧୀନ ମତ ପୋଷଣ କରିପାରୁଛେ । କୃଷି ଓ ଶିଳ୍ପ ଉଭୟ ବିକାଶକୁ ସେ ପ୍ରାଥମିକତା ପ୍ରଦାନ କରିଥିଲେ । ପୁଣି ରାଷ୍ଟ୍ରକୁ ଶକ୍ତିଶାଳୀ କରିବା ନିମନ୍ତେ ଆଣବିକ କାର୍ଯ୍ୟକ୍ରମ ମାନ ଆରମ୍ଭ କରିଥିଲେ । ତାଙ୍କ ବୈଦେଶିକ ନୀତି ମଧ୍ୟ ଆଖିଦୃଶିଆ ଥିଲା । ଏକ ସଙ୍ଗେ ଦୁଇ ପରସ୍ପର ବିରୋଧୀ ମହାଶକ୍ତି ଋଷିଆ ଓ ଆମେରିକା ସହ ବନ୍ଧୁତା ସ୍ଥାପନ ହୋଇଥିଲା । ତତ୍‌କାଳୀନ ଶୀତଳ ଯୁଦ୍ଧ ଠାରୁ ଦୂରେଇ ନେହରୁ ଏକ ନିରପେକ୍ଷ ବିଶ୍ୱ ଶକ୍ତିର କଳ୍ପନା କରିଥିଲେ ଏବଂ ଜନ୍ମ ନେଇଥିଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ନାମ୍ । ସେ ଥିଲେ ବିଚକ୍ଷଣ ଶାନ୍ତିକାମୀ ରାଜନୀତିଜ୍ଞ ।

ବିଶ୍ୱର ଅନେକ ରାଷ୍ଟ୍ରରେ ବର୍ଷର ଭିନ୍ନ ଭିନ୍ନ ଦିନରେ ଶିଶୁ ଦିବସ ପାଳନ କରାଯାଏ । ୨୩ ଏପ୍ରିଲ ୧୯୨୦ରେ ତୁର୍କିରୁ ପ୍ରଥମ ଥର ପାଇଁ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ତାହା ଦେଖି ଅନେକ ରାଷ୍ଟ୍ର ଶିଶୁ ଦିବସ ପାଳନ କରିବା ନିମନ୍ତେ ଆଗ୍ରହୀ ହୋଇ ଦିନ ସ୍ଥିର କରିଥିଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ । ସେହିପରି ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ ନଭେମ୍ବର ୨୦ରେ । ଭାରତ ବର୍ଷରେ ୧୪ ନଭେମ୍ବରରେ ଶିଶୁ ଦିବସ ପାଳନ କରାଯାଉଛି । ୧୮୮୯ ନଭେମ୍ବର ଏହି ଦିନରେ ଏହ୍ଲାବାଦରେ ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ । ସେ ପିଲାମାନଙ୍କୁ ଭଲ ପାଉଥିଲେ । ପିଲାଙ୍କ ଗହଣରେ ରହିବାକୁ, ସମୟ ବିତାଇବାକୁ ପସନ୍ଦ କରୁଥିଲେ । ଅବସର ସମୟରେ ପିଲାଙ୍କ ସହ ଖେଳୁଥିଲେ, ଗୀତ ଗାଉଥିଲେ ଏବଂ ସେମାନଙ୍କୁ ଗପ ଶୁଣାଉଥିଲେ । ପିଲାମାନେ ଶ୍ରଦ୍ଧାରେ ତାଙ୍କୁ ଡାକୁଥିଲେ ଚାଚା ନେହରୁ । ସେ ସର୍ବଦା କହୁଥିଲେ ଭାରତର ଭବିଷ୍ୟତ ଆଜିର ପିଲାଙ୍କ ହାତରେ । ୧୯୬୪ରେ ଏହି ଗାନ୍ଧୀବାଦୀ, ଶାନ୍ତିକାମୀ ରାଷ୍ଟ୍ରନାୟକଙ୍କ ମୃତ୍ୟୁ ପରଠାରୁ ପ୍ରତି ବର୍ଷ ତାଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ଆଜି ଶିଶୁ ଦିବସ ଅବସରରେ ଏ ଦୁନିଆର କୋଟି କୋଟି ଶିଶୁଙ୍କ ସର୍ବମଙ୍ଗଳ ହେଉ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ପ୍ରଗତି ହେଉ, ସେମାନଙ୍କର ସର୍ବାଙ୍ଗୀକରଣ ଖୁସି ସେମାନଙ୍କ ଜୀବନକୁ ଆହୁରି ଆନନ୍ଦମୟ କରି ଏହା ହିଁ କାମନା ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ

ଅସ୍ତରଙ୍ଗ, ୧୩/୧୧ (ଆ.ପ୍ର) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଗୁରୁବାର ଦିନ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ଜଗତସିଂହପୁର ମାନ୍ୟବର ସାଂସଦ ବିଭୁପ୍ରସାଦ ତରାଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ । ଏହି ଉପଲକ୍ଷେ ବ୍ଲକ ପରିସରରେ ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, ଜନ ସେବା କେନ୍ଦ୍ର(ସିଏସ୍‌ସି), ଓମଫେଡ, ଏକ୍ଟିଭ ପ୍ରକଳ୍ପ, ଗ୍ରାମ ବିକାଶ ସାକ୍ଷୀଗୋପାଳ ଆଦି ତରଫରୁ ଚାଷୀଙ୍କ ଅବଗତ ତଥା ପରାମର୍ଶ ନିମନ୍ତେ ଷ୍ଟଲ ମାନ ଖୋଲା ଯାଇ କୃଷି ତଥା ମତ୍ସ୍ୟ ଆଦି ସମ୍ବନ୍ଧୀୟ ବିଭିର୍ଣ୍ଣ ଆତ୍ମ ନିର୍ଭରଶିଳ ଯୋଜନା ଉପରେ ସରକାରୀ ଅଧିକାରୀ ମାନଙ୍କ ତରଫରୁ ପରାମର୍ଶ ଦିଆ ଯାଇଥିବା ଦେଖିବାକୁ ମିଳି ଥିଲା । ସାଂସଦ ବିଭୁପ୍ରସାଦ ତରାଇ ଅତିଥି ବା ଉଦଘାଟକ ଭାବେ ଯୋଗ ଦାନ କରି ରାଜ୍ୟ ସରକାର ଏହି ଦୁଇଗୋଟି ବିଭାଗର ଚାଷୀଙ୍କ ପାଇଁ କରିଥିବା ବିଭିର୍ଣ୍ଣ ଯୋଜନା ଉପରେ ଆଲୋକ ପାତ କରିବା ସହ, ଅସ୍ତରଙ୍ଗ ଏକ ସମୁଦ୍ର ତଟ ଅଂଚଳ ଓ ଏହାର ଅଧିବାସି ମାନେ ମାଛ ଚାଷବା ନଦୀ ନାଳରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି । ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କ ପାଇଁ କରିଥିବା ଯୋଜନାର ଲାଭ ଉଠାଇବା ପାଇଁ ବୈଠକରେ ପରାମର୍ଶ ଦେଇଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୁର୍ଯ୍ୟୋଧନ ମିଶ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାଶ, ପ୍ରାଣୀ ସମ୍ପଦ ଅଧିକାରୀ ଡ଼କ୍ଟର ଶରତ କୁମାର ବେହେରା, ବ୍ଲକ ବିଡ଼ିଓ ସସ୍ମିତା ବେହେରା, ଓଡିଶା ମତ୍ସ୍ୟ ଯିବି ସଂଘ ସଭାପତି ପ୍ରସନ ବେହେରା, ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ ଓ କାକଟପୁର ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ବ୍ଲକ ଆତ୍ମା ସଭାପତିଙ୍କ ସମେତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ । ସଫଳ ଚାଷୀ ଭାବେ ଆଠଜଣ ତଥା, ମତ୍ସ୍ୟ ବିଭାଗର ୪ଜଣ ଓ ପ୍ରାଣୀ ସମ୍ପଦ ବିଭାଗ ର ୪ଜଣ ଚାଷୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରା ଯାଇଥିଲା ।

ପାରଳା ବିଧାୟକ ଲାଡୁରୁଗୁଡା ବନ୍ଧ ଦ୍ୱାରା ପ୍ରଭାବିତ ଚାଷୀଙ୍କୁ ଭେଟିଲେ

ପାରଳାଖେମୁଣ୍ଡି, , ୧୩/୧୧ (ଆ.ପ୍ର) : ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଗୁମ୍ମା ବ୍ଲକ ଉଷୁରା ପଂଚାୟତର ଲାଡୁରୁଗୁଡା ଗ୍ରାମର ଚାଷୀ ମାନଂକୁ ଭେଟିଲେ । ନିକଟରେ ଏହି ଲାଡୁରୁଗୁଡା ବନ୍ଧ ଭାଂଗିଯାଇ ଉକ୍ତ ଗ୍ରାମର ଚାଷୀ ମାନଂକର ବର୍ଷକର ଆଦାୟ ନଷ୍ଟ ହୋଇଯାଇଛି । ସେ ନଷ୍ଟ ହୋଇଥିବା ବନ୍ଧ ଚାରିପଟେ ବୁଲି ଅନୁଧ୍ୟାନ କରିଥିଲେ । ଚାଷୀମାନେ ଲିଖିତ ଆକାରରେ କ୍ଷତିପୂରଣ ସକାଶେ ବିଧାୟକଂକୁ ଅନୁରୋଧ କରିଥିଲେ । ଏହି ବିଷୟରେ ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ସହ କଥାବାର୍ତା କରି କ୍ଷତିପୂରଣ ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ ।

ଲାଂଚ ନେଉଥିଲେ ବରିଷ୍ଠ କିରାଣି, ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ଝରକା ପଟେ ଫିଙ୍ଗିଦେଲେ ବିଡ଼ାବିଡ଼ା ନୋଟ

ଭବାନୀପାଟଣା, ୧୩/୧୧ (ଆ.ପ୍ର) : ଲାଂଚ ନେଉଥିଲେ ବରିଷ୍ଠ କିରାଣି, ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ଝରକା ପଟେ ଫିଙ୍ଗିଦେଲେ ବିଡ଼ାବିଡ଼ା ନୋଟ ଆରଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ତାଙ୍କ ସରକାରୀ କ୍ୱାର୍ଟର୍ସରେ ପେନ୍‌ସନ୍ ସୁବିଧା ବୃଦ୍ଧି ପାଇଁ ଫାଇଲ ପ୍ରକ୍ରିୟାକରଣ କରିବାକୁ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ (ଅଭିଯୋଗକାରୀ)ଙ୍କଠାରୁ ୨୦୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ୩୧.୦୩.୨୦୨୪ରେ ଅବସର ଗ୍ରହଣ କରିଥିଲେ । ସେବେଠାରୁ ସେ ଅଭିଯୁକ୍ତ ରାଓଙ୍କୁ ତାଙ୍କର ପେନ୍‌ସନ୍ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ । ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଅଭିଯୁକ୍ତ ଫାଇଲ ପ୍ରକ୍ରିୟାକରଣ କରୁନ ଥିଲେ ବରଂ ତାଙ୍କୁ ୨୦,୦୦୦ ଟଙ୍କା ଲାଂଚ ଦେବାକୁ ବାଧ୍ୟ କରୁଥିଲେ । ଅଭିଯୋଗକାରୀ ରାଓଙ୍କ ଦ୍ୱାରା ତାଙ୍କୁ ହଇରାଣ କରାଯାଉଥିବା ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ । ଏହା ପରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଆଜି ରାଓ ଭିଜିଲାନ୍ସ ଦଳକୁ ଦେଖି ତାଙ୍କ କ୍ୱାର୍ଟର୍ସର ଝରକା ଦେଇ ଅଭିଯୋଗରୁ ଗ୍ରହଣ କରୁଥିବା ୨୦,୦୦୦ ଟଙ୍କା ଲାଂଚ ଟଙ୍କା ଫିଙ୍ଗି ଦେବା ସମୟରେ ଗିରଫ କରିଥିଲେ । ଭିଜିଲାନ୍ସ ଦଳ ଦ୍ୱାରା ସମସ୍ତ ଲାଂଚ ଟଙ୍କା ଜବତ କରାଯାଇଛି । ଏକକାଳୀନ ତିନୋଟି ସ୍ଥାନରେ ଚଢ଼ାଉ ଚାଲିଛି ।

ଗୁରୁ ରଘୁନାଥ ପାତ୍ରଙ୍କୁ ସୂର୍ଯ୍ୟମଣି ସ୍ମୃତି ସମ୍ମାନ

ପାରଳାଖେମୁଣ୍ଡି, , ୧୩/୧୧ (ଆ.ପ୍ର) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବାସିନ୍ଦା ବିଶିଷ୍ଟ ସଂଗୀତଜ୍ଞ ଗୁରୁ ରଘୁନାଥ ପାତ୍ରଂକୁ ସୂର୍ଯ୍ୟମଣି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ଜୟଦେବ ଭବନରେ ଆଶାବରୀ ସାଂସ୍କୃତିକ ସମାଜ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳିଂଗ ହସପିଟାଲର ଅଧ୍ୟକ୍ଷ ଡ.ଶାନ୍ତିକାନ୍ତ ଦାଶ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ରୂପେ ସାହିତ୍ୟିକ ଇଂ ପ୍ରଦେଶ ରଂଜନ ଦାଶ, ପ୍ରବୀର କୁମାର ଦାଶ, ଅରୁଣ କୁମାର ମହାପାତ୍ର, ସଂପାଦିକା ଅନ୍ଦନିକା ପଟ୍ଟନାୟକ, ପ୍ରତିଷ୍ଠାତା ରମେଶ ଚନ୍ଦ୍ର ଦାଶ ଯୋଗଦାନ କରିଥିଲେ । ଅତିଥି ମାନେ ସଂଗୀତ ଗୁରୁ ପାତ୍ରଂକର ଗୁରୁ ସଂଗୀତର ଅବଦାନ ପାଇଁ ଭୂୟଂସୀ ପ୍ରଶଂସା କରିଥିଲେ ।

ଗ୍ରାମବାସୀ ଓ ସରପଂଚଙ୍କ ବିରୋଧ ସତ୍ତ୍ୱେ ଇଡକୋକୁ ଜମି ହସ୍ତାନ୍ତର ପାଇଁ ମସୁଧା

ବଣାଇଁ, ୧୩/୧୧ (ଆ.ପ୍ର) : ବଣାଇଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ମୌଜାର ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଖାତା ନଂ–୨୨୩, ପ୍ଲଟ ନଂ–୨୪୮୦ (ଏକର–୩.୪୪ ଡିସିମଲ) ଜମିକୁ ଶିଳ୍ପ ଉନ୍ନୟନ ନିଗମ ନାମରେ ହସ୍ତାନ୍ତର ନ କରିବା ପାଇଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଗ୍ରାମବାସୀମାନଙ୍କ କହିବା ଅନୁସାରେ, ଉକ୍ତ ଜମି ଗ୍ରାମପଂଚାୟତର ଗ୍ରାମସଭା ନିଷ୍ପତି ଅନୁଯାୟୀ ସାଧାରଣ ଖେଳପଡିଆ ଓ ସ୍କୁଲ ଉଦ୍ଦେଶ୍ୟରେ ସଂରକ୍ଷିତ ରହିଥିଲା । ତଥାପି କିଛି ମାସ ଧରି ଏହି ଜମିକୁ ଏକ ନିଜସ୍ୱ କାରଖାନା ପକ୍ଷରୁ ବଳପୂର୍ବକ ଜବରଦଖଲ କରି ଉଦ୍ୟୋଗିକ କାମରେ ବ୍ୟବହାର କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏ ବାବଦରେ (୨୮୧୯ ସଂରକ୍ଷଣ ମାମଲା–୧/୨୦୧୪) ଅନୁଯାୟୀ ଗ୍ରାମବାସୀ ଓ ସରପଂଚ ଏହାକୁ ବିରୋଧ କରି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତହସିଲଦାର କାରଖାନା ମାଲିକଙ୍କ ସହିତ ସଲାସୁତ୍ରରା କରି ନିଜ ପଦବୀର ଅପବ୍ୟବହାର କରିବା ସହ ଗ୍ରାମବାସୀଙ୍କ ବିରୋଧକୁ ଅଣଦେଖା କରି ଇଡକୋ ସପକ୍ଷରେ ଜମି ହସ୍ତାନ୍ତର ପାଇଁ ଚକ୍ରାନ୍ତ କରୁଥିବା ଜଣାପଡିଛି । ଏହି ବାବଦରେ ସରପଂଚ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ପାରେ ନୂତନ ଖେଳ ପଡିଆ ଚିହ୍ନଟ ପାଇଁ ପତ୍ର ଲେଖିଥିଲେ ମଧ୍ୟ ତହସିଲଦାର ଏହାକୁ ପାଳନ ନକରିବା ନିଷ୍ଠିତ ନିନ୍ଦନୀୟ ବୋଲି ସରପଂଚ ପ୍ରକାଶ କରିଅଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଜମି ଗ୍ରାମର ୧୯୭୫ ମସିହା ଠାରୁ ସ୍କୁଲ ଏବଂ ଖେଳପଡିଆ ଓ ଜନ ସାଧାରଣଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ତାକୁ କାରଖାନା ସପକ୍ଷରେ ଦେବା ପାଇଁ ମସୁଧା କରୁଥିବା ନେଇ ଜୋରଦାର ବିରୋଧ କରୁଥିବା ଜଣା ପଡିଛି । ଗ୍ରାମସଭାରେ ଏହାକୁ ସାଧାରଣ ଉଦ୍ଦେଶ୍ୟ ପାଇଁ ରଖିବା ସହ ନରେଗା ଯୋଜନା ଅନ୍ତର୍ଗତ ୧୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ, ଜମି ଚିହ୍ନଟ ନ ହେବାରୁ କାର୍ଯ୍ୟ ପ୍ରଗତି ଅଟକି ରହିଛି । ସେମାନଙ୍କ ଅଭିଯୋଗ ବାରମ୍ବାର ଅଭିଯୋଗ, ଗ୍ରାମସଭା ନିଷ୍ପତି ଓ ଲୋକମତ ସତ୍ତ୍ୱେ ଯଦି ଏହି ଜମିକୁ ଇଡକୋକୁ ଦିଆଯାଏ, ତେବେ ଗ୍ରାମବାସୀ ଏହା ବିରୋଧରେ ଜୋରଦାର ଆନ୍ଦୋଳନ କରିବେ । ଗ୍ରାମବାସୀମାନେ ଏହି ପରିସ୍ଥିତି ପ୍ରତି ଗଭୀର ଚିନ୍ତା ବ୍ୟକ୍ତ କରି ଏବଂ ପ୍ରଶାସନ ନିକଟରେ ଦାବି କରିଛନ୍ତି ଯେ, ଉକ୍ତ ଜମିକୁ ଇଡକୋ ନାମରେ ହସ୍ତାନ୍ତର ନ କରି ଗ୍ରାମୀଣ ସାମୁଦାୟିକ ଖେଳପଡିଆ ଭାବେ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ।

ସମସ୍ତ ପଂଚାୟତ ମୁଖ୍ୟ ସଡ଼କ ନିର୍ମାଣ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି ପତ୍ର

୨୦ ଦିନ ମଧ୍ୟରେ ରାସ୍ତା ନିର୍ମାଣ ନକଲେ ଆନ୍ଦୋଳନ

ଜି.ଉଦୟଗିରି, ୧୩/୧୧ (ଆ.ପ୍ର) : ଜି.ଉଦୟଗିରି ସହର ଠାରୁ ରଟିଙ୍ଗିଆ ଗ୍ରାମ ଦେଇ ଗ୍ରେସିଙ୍ଗିଆ ଛକ, ଇଲେକ୍ଟ୍ରି ଅଫିସ ଛକ ଠାରୁ ମାଲିକାପଡ଼ି ପଂଚାୟତ ଦେଇ ରାଇପଦା ପର୍ଯ୍ୟନ୍ତ ଏବଂ ରାଇକଳା ପଂଚାୟତର ଶ୍ରିକଳା ଠାରୁ ଭାୟା ରାଇକଳା, ଖାରିଆପଡ଼ା ଦେଇ ଯାକାମାହା ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ମୁଖ୍ୟ ରାସ୍ତା ନିର୍ମାଣ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତା ଗୁଡ଼ିକ ନିର୍ମାଣ କରିବାର ୫ ବର୍ଷ ବିତଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣା, ମରାମତି କିମ୍ବା ପୁନଃ ନିର୍ମାଣ କାର୍ଯ୍ୟ କରାଯାଇନଥିବା ଯୋଗୁଁ ଯାତାୟତରେ ଅଂଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ସମସ୍ତ ପଂଚାୟତ ଯାତାୟତ ପାଇଁ ଏଗୁଡ଼ିକ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକଦିନ ଏହି ରାସ୍ତାରେ ଶହ ଶହ ଯାନବାହନ ଚଳାଚଳ କରୁଛି । ଏହି ରାସ୍ତା ଗୁଡ଼ିକ ବର୍ତମାନ ମରଣଯନ୍ତା ପାଲଟିଛି ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖିବାକୁ ମିଳୁଛି । ଏନେଇ ଅଂଚଳବାସୀ ବହୁବାର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନଙ୍କୁ ଦାବି ପତ୍ର ପ୍ରଦାନ କରିବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ୬ ମାସ ପୂର୍ବରୁ ଅନୁମୋଦନ ହୋଇଥିଲା । ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିବାରର ୬ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନଥିବାରୁ ଅଂଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସ୍ଥାନୀୟ ସାମାଜିକ କର୍ମୀ ଓ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଯେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତା ଅଭାବ ଯୋଗୁଁ ରାସ୍ତା ଗୁଡ଼ିକର ନିର୍ମାଣ ହୋଇ ପାରିନାହିଁ ବର୍ତମାନ ଖାଳଖମାରେ ପରିପୂର୍ଣ୍ଣ ବିପଦ ସଙ୍କୁଳ ଅବସ୍ଥାରେ ଜନସାଧାରଣ ଯାତାୟତ କରୁଥିବା ଦେଖିବାକୁ ମିଳିଛି । ଉକ୍ତ ପଂଚାୟତ ମୁଖ୍ୟ ରାସ୍ତା ଗୁଡ଼ିକର ନିର୍ମାଣ କାମ ତୁରନ୍ତ ଆରମ୍ଭ କରିବା ପାଇଁ ଯୁବ ସମାଜ ସେବୀ ଆମନ ଚନ୍ଦ୍ର ନାୟକ, ହୃଷିକେଶ ପ୍ରଧାନ ଓ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ସାମ୍ବାଦିକ ସାମନ୍ତ ଶେଖର ନାୟକ, ରଟିଙ୍ଗିଆ ସାଧାରଣ ନାଗରିକ କମିଟି ପକ୍ଷରୁ ଶିକି ପ୍ରଧାନ, ଚନ୍ଦ୍ରକାନ୍ତ ପ୍ରଧାନ, କିଶାନ ପ୍ରଧାନ, ଲାଲୁପ୍ରସାଦ ପ୍ରଧାନ ଓ କାମନକାନ୍ତ ପ୍ରଧାନ ପ୍ରମୁଖ ଗୁରୁବାର କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଓ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ନରେନ୍ଦ୍ର ନାୟକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୨୦ ଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ଆଗାମୀ ଡିସେମ୍ବର ପ୍ରଥମ ସପ୍ତାହରେ ଅଂଚଳବାସୀ ରାଜରାସ୍ତାରେ ଆନ୍ଦୋଳନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

ଓଡ଼ିଶା କ୍ରିକେଟ ଦଳରେ ଭୁତମୁଣ୍ଡାଇର ପୁଅ

ତିର୍କୋଲ, ୧୩/୧୧ (ଆ.ପ୍ର) : ଚଳିତ ବର୍ଷ ଓଡିଶା ୧୯ ବର୍ଷରୁ କମ କ୍ରିକେଟ ଦଳରେ ସାମିଲ ହୋଇଛନ୍ତି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ପଂଚାୟତ ଜଗତି ଗ୍ରାମର ଅର୍ପିତ ସତ୍ୟମ ମହାନ୍ତି । ଅର୍ପିତ ନିଜର କ୍ରିକେଟ କ୍ୟାରିୟର ପାରାଦ୍ୱୀପ କ୍ରିକେଟ କ୍ଲବ (ପିସିସି)ରୁ ଆରମ୍ଭ କରିଥିବାବେଳେ ପିସିସିର କୋଚ ଅଞ୍ଜନ ସେଠିଙ୍କ ନିକଟରେ ପ୍ରଶିକ୍ଷଣ ନେଇ ବିଭିନ୍ନ ଟୁର୍ଣ୍ଣାମେଂଟରେ ଭଲ ଖେଳ ପ୍ରଦର୍ଶନ କରି ଆସିଛନ୍ତି । ଅର୍ପିତଙ୍କର ଏହି ଭଳି ସଫଳତା ଦେଖି ପିସିସି କ୍ଲବର ଜଣେ ଉଦୀୟମାନ ତଥା ଓଡିଶା ରଣଜି ଦଳର ଖେଳାଳୀ ଜାମଜା ରଂଜନ ମହାପାତ୍ରନିଜ ଆଡୁ ଅର୍ପିତଙ୍କୁ ଦୀର୍ଘ ଦିନ ଧରି ପ୍ରଶିକ୍ଷଣ ଦେଇଥିଲେ । ତେବେ ଚଳିତ ୧୯ ବର୍ଷରୁ କମ ଓଡିଶା ଦଳ ପାଇଁ ଚାଲିଥିବା ଚୟନ ପ୍ରକ୍ରିୟାରେ ପାରାଦ୍ୱୀପ district association ପକ୍ଷରୁ ଭାଗ ନେଇ ଭଲ ପ୍ରଦର୍ଶନ କରି ଓଡିଶା ଦଳରେ ସ୍ଥାନ ପାଇଛନ୍ତି । ବିସିସିଆଇ ଘରୋଇ ଦ୍ୱାରା ଆୟୋଜିତ କୁଚ ବିହାର ଟ୍ରଫି ଯାହାକି ଆସନ୍ତା ୧୬ ତାରିଖ ମହାରାଷ୍ଟ୍ର ଓ ଆସନ୍ତା ୨୩ ତାରିଖ ଆନ୍ଧ୍ର ସହିତ ଖେଳାଯିବ ଏହି ଦୁଇଟି ମ୍ୟାଚ ପାଇଁ ଖେଳିବାର ସୁଯୋଗ ପାଇଛନ୍ତି । ଅର୍ପିତଙ୍କର ଏହି ସଫଳତାକୁ ନେଇ ଜଗତୀ ଗ୍ରାମର ବୁଢ଼ୀ ଯାଦୁଆଣୀ ଯୁଥ କ୍ଲବ, ଏବଂ ପିସିସିର ସମସ୍ତ ଖେଳାଳୀ ଶୁଭେଚ୍ଛା ଜଣାଇଥିବା ସହ ନିଜର ମାର୍ଗ ଦର୍ଶକ ଭାବେ ବଡ ଭାଇ ଜାମଜା ଭଞ୍ଜନଙ୍କୁ ନିଜର ଏହି ସଫଳତା ପଛର ଶ୍ରେୟ ଜଣାଇଛନ୍ତି ଅର୍ପିତ ।

ଭାଲୁ ଆକ୍ରମଣରେ ବାଳିକା ଗୁରୁତର

ଝରିଗାଁ, ୧୩/୧୧ (ଆ.ପ୍ର) : ଝରିଗାଁ ରେଞ୍ଜ ଫରେଷ୍ଟ ସେକ୍ସନ ଅଧୀନ ଗୁରୁସିଙ୍ଗା ପଂଚାୟତର ବାୟାକାଧଡି ଗ୍ରାମର ଜଣେ ବାଳିକା ଭାଲୁ ଆକ୍ରମଣରେ ଶିକାର ହୋଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ଗୁରୁତର ଜଣଙ୍କ ଭୂମିକା ସାନ୍ତା (ବୟସ ୨ ବର୍ଷ ୬ ମାସ) ବୋଲି ଜଣାପଡିଛି । ସୂଚନା ଅନୁସାରେ, ତାଙ୍କ ମାଉସୀ କୋଟି ସାନ୍ତା ଭୂମିକାକୁ ଖାଇ ବୁହାଇବା ପାଇଁ ମକା ବାଡ଼ି ପାଖକୁ ନେଇଥିବା ବେଳେ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା । ଆକ୍ରମଣ ସମୟରେ ବାଡ଼ି ପାଖରେ ଥିବା ଲୋକମାନେ ଚିତ୍କାର କରିବାରୁ ଭାଲୁ ଜଙ୍ଗଲ ଦିଗକୁ ପଳାଇ ଯାଇଥିଲା । ଗୁରୁତର ଅବସ୍ଥାରେ ଥିବା ଭୂମିକାକୁ ଗ୍ରାମବାସୀମାନେ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ସୂଚନା ମିଳିଛି ।

ବିଦ୍ୟାଳୟର ରୌପ୍ୟଜୟନ୍ତୀ ପାଳନ ନେଇ ମଶାଲ ଶୋଭାଯାତ୍ରା

ଖଣ୍ଡପଡ଼ା, ୧୩/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉତ୍ସବ ପାଳନ ଅବସରରେ ଏକ ମଶାଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ାର ଆରାଧ୍ୟ ମା' ଉମାଦେବୀଙ୍କ ପୀଠ ପରିସରରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ମଶାଲ ଶୋଭାଯାତ୍ରାରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଗହଣରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତେବେ ରୌପ୍ୟଜୟନ୍ତୀ ଉତ୍ସବ ପାଳନର ପ୍ରଥମ ପର୍ବ ମଶାଲ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୫ ତାରିଖ ସଂନ୍ଧ୍ୟାରେ ରୌପ୍ୟଜୟନ୍ତୀ ଉତ୍ସବ ଉଦଯାପିତ ହେବ ବୋଲି ଜଣାପଡିଛି ।

ମାଆର ତ୍ୟାଗ ସମର୍ପଣ ସଂସ୍କାର ଓ ଅନୁଶାସନ ଗଠନକରେ ସମାଜ

କପ୍ତିପଦା, ୧୩/୧୧ (ଆ.ପ୍ର) : ସପ୍ତଦଶ ସୁଭଦ୍ରା ଦେବୀ ସ୍ମୃତି ପୁରସ୍କାର ସ୍ଥାନୀୟ ଲାଲ ବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସମାରୋହରେ ସମ୍ପନ୍ନ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଉତର ଓଡ଼ିଶାର ସୁନାମଧନ୍ୟ ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଯୋଗ ଦେଇ ମାଆର ଚାରିତି ସ୍ୱରୂପ ସଂକ୍ରାନ୍ତରେ ବର୍ଣ୍ଣନା କରି ମାଆ ସୁଭଦ୍ରା ଦେବୀଙ୍କ ଠାରୁ ପାଇଥିବା ସ୍ନେହ ଭଲପାଇବା ଓ ତ୍ୟାଗ ଭାବ ବିହ୍ୱଳ କଣ୍ଠରେ ବର୍ଣ୍ଣନା କରିଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ବଦ୍ରୀ ମହାନ୍ତି ସଭିଙ୍କୁ ସ୍ୱାଗତ ଜଣାଇବା ସହିତ ମା ମାଟି ଓ ମମତା ବ୍ୟକ୍ତିକୁ ନିରୋଳା ମୁହୂର୍ତରେ କିପରି ବ୍ୟଥିତ କରେ ତାର ଅନୁଭୂତି ପ୍ରକାଶ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀଙ୍କ ସହଯୋଗରେ ସୁଭଦ୍ରା ଦେବୀଙ୍କ ସାନ ପୁଅ ଲକ୍ଷ୍ମଣ ଉତ୍ସବ ପରିଚାଳନା କରିଥିଲେ । ବିଭିନ୍ନ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ବିପାସା ସାହୁ, ଲିପ୍ସା ସ, ସୌମ୍ୟରଂଜନ ସାମଲ, କ୍ଷୀରାବ୍ଧି ତନୟା ଗାଣ, ଆଦ୍ୟାଶା ଦାସ, ଭାଗ୍ୟଲକ୍ଷ୍ମୀ ପଜଡା, ଅମୃତା ପରିଡ଼ା, ଶ୍ରାବଣୀ ଦଳେଇ, ସାଇ ପ୍ରତୀକ୍ଷା ଜେନା, ତ୍ରିଲୋଚଣୀ ଦାସ, ଝାନ୍ସି ରାଣୀ ସା, ଅଙ୍କିତ କୁମାର ବେହେରା, ଅମୃତାରାଜନନ୍ଦିନୀ ମହାନ୍ତି, ଦୀପଶିଖା ପରିଡା ଓ ଦୀପ୍ତି ରଞ୍ଜନ ବେହେରାଙ୍କୁ ଏକାଡେମୀକ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଏଟିଏମ ସମ୍ମୁଖରେ ଗାଡ଼ି ପାର୍କିଂକୁ ନେଇ ଜନ ଅସନ୍ତୋଷ



ଦଶପଲ୍ଲା, ୧୩/୧୧ (ଆ.ପ୍ର) : ଖୋର୍ଦ୍ଧା – ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଏନଏସି ଅନ୍ତର୍ଗତ ଜନଗହଳି ପୂର୍ଣ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି କୁହାଯାଉଥିବା ଦୁର୍ଗାବଜାର ଠାରେ ଅବସ୍ଥିତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଦୁଇଟି ଏଟିଏମ ରହିଛି । ଏହି ଏଟିଏମ ନିକଟରେ ବ୍ୟାଙ୍କ ପକ୍ଷରୁ ସିକ୍ୟୁରିଟି ବ୍ୟବସ୍ଥା ନାହିଁ । ସିକ୍ୟୁରିଟି ବ୍ୟବସ୍ଥା ନଥିବାରୁ ହଇରାଣ ହେଉଛନ୍ତି ଜନସାଧାରଣ । ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଗ୍ରାହକ ମାନଙ୍କର ଧାଡି ଲମ୍ବିଥିବା ବେଳେ ରାସ୍ତା ଉପରେ ନିଜର ବାଇକ ଓ କାର ରଖି ଯାଉଥିବା ଦେଖିବାକୁ ମିଳୁଛି । ଫଳରେ ରାଜପଥ ଉପରେ ଭିଡ଼ ଜମିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ସହିତ ଦୁର୍ଘଟଣା ମଧ୍ୟ ଘଟୁଛି । ଏଥିପ୍ରତି ଦୁଇ ବ୍ୟାଙ୍କର ଶାଖା ପରିଚାଳକ ଦୃଷ୍ଟି ଦେବାପାଇଁ ଜନସାଧାରଣ ରେ ଦାବୀ ହେଉଅଛି ।

ପାଓନିର କମ୍ପାନୀ ତରଫରୁ ଅମଳ ଦିବସ ପାଳିତ

ପାପଡ଼ାହାଣ୍ଡି, ୧୩/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଖିରିସୀ ପଂଚାୟତ ଅଧିନସ୍ଥ ସରିଶପଦର ଗ୍ରାମଠାରେ ପାଓନିର କମ୍ପାନୀ ତରଫରୁ ଅମଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ପିଓନିଅର କମ୍ପାନୀ ମେନେଜର ଅଭିଷେକ ଦାସଙ୍କୁ ସରିଶପଦର ଗ୍ରାମର ପ୍ରାୟ ୪୫୦ ଚାଷୀ ଗ୍ରାମ ମୁଣ୍ଡରୁ ସ୍ୱାଗତ ସମ୍ବର୍ଦ୍ଧନା କରି ଚାଷ ଜମିକୁ ପଛଟି ନେଇଥିଲେ । ଚାଷ ଜମିରେ ଏହି ଅମଳ ଦିବସ ପାଳିତ ହୋଇଥିଲା । ଚାଷୀ ରବି ଭତରାଙ୍କ ୩ ଏକର ରେ ପିଓନିର କମ୍ପାନୀର ୨୭ ପି ୩୭ ଶଙ୍କର ଧାନ ବିହନ ଲଗାଇଥିଲେ । ତାଙ୍କ ମତରେ ଅନ୍ୟ ଧାନ ଅପେକ୍ଷା ଏହି ଧାନ ୫ କ୍ୱିଣ୍ଟାଲ ଅଧିକ ଅମଳ ଆଦାୟ ହୋଇଥିଲା ବୋଲି କହିଥିଲେ । ତାଙ୍କୁ ଏହି କମ୍ପାନୀର ଏରିଆ ମେନେଜର ନିରଞ୍ଜନ ବେହେରା ସମୟ ସମୟରେ ଚାଷ ଜମିକୁ ଯାଇ ତଦାରଖ କରୁଥିଲେ ବୋଲି କହିଛନ୍ତି । ଏହି ବିହନକୁ ସବୁ ଚାଷୀ ଲଗାଇବାକୁ ସେ ଅନୁରଧ କରିଥିଲେ । ଏହି ଅବସରରେ ଗ୍ରାମର ବରିଷ୍ଠ ଚାଷୀ ସୁନାଧର ଭତରା, ରଘୁ ଭତରା, ଯୋହନ ଭତରା, ସଉଦୁ ଭତରା, ପୁଷ୍କର ଭତରା, ହର ଭତରା, ପୀତବାସ ଭତରା ପ୍ରମୁଖ ଉପସ୍ଥିତ ଥିଲେ ।

ସର୍ଦ୍ଦାର ପଟେଲ ଏକତାର ପ୍ରତୀକ, ନିମାପଡ଼ାରେ ଏକତା ପଦଯାତ୍ରା ଅନୁଷ୍ଠିତ

ପୁରୀ, ୧୩।୧୧ (ଆ.ପ୍ର) : ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ରାଷ୍ଟ୍ର ଭକ୍ତି ଅନନ୍ୟ । ଏକତାର ପ୍ରତୀକ ଥିଲେ ଲୌହ ମାନବ । ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ସେ ୫୬୦ରୁ ଊର୍ଦ୍ଧ୍ୱ ରାଜରାଜୁଡା ଶାସନତନ୍ତ୍ରକୁ ଭାରତ ବର୍ଷ ରେ ସାମିଲ କରିଥିଲେ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଗୁରୁବାର ପୂର୍ବାହ୍ଣରେ ଜଗତସିଂହପୁର ଲୋକସଭା ସାଂସଦ କ୍ଷେତ୍ର ଅନ୍ତର୍ଗତ ନିମାପଡାର କାଳିପାଟଣା ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । କ୍ରୀଡା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଏହାକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ଜଗତସିଂହପୁର ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପ୍ରମୁଖ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ପଦଯାତ୍ରା ଏକମକୋଣା, ଶ୍ରୀମୁଖ, ନାଗବସ୍ତ, ରଟିଲୋ, ତଳ ଅଣିଆ, ଜୟଶ୍ରୀ ଛକ, ଜୟଗୁରୁ ଛକ ହୋଇ ନିମାପଡା ବାରବାଟୀ ପଡିଆ ଠାରେ ପହଂଚିଥିଲା । ବାରବାଟୀ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ପରିଡା ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ବଲ୍ଲଭ ଭାଇ କୃଷକମାନଙ୍କ ଆନ୍ଦୋଳନ ରେ ପ୍ରମୁଖ ଭୂମିକା ନେଇ ସର୍ଦ୍ଦାର ପଦବାଚ୍ୟ ହୋଇଥିଲେ । ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ବଲ୍ଲଭ ଭାଇଙ୍କୁ ଆଦର୍ଶ ମାନୁ ଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ ଯେଉଁ ଥିରେ ଦେଶର ପ୍ରତିଟି ଘରୁ ସଂଗୃହିତ ଲୁହା ବ୍ୟବହୃତ ହୋଇଥିଲା । ପ୍ରଧାନମନ୍ତ୍ରୀ ୪ଟି ବର୍ଗ ଯଥା ଗରିବ, ଯୁବ ବର୍ଗ, କୃଷକ ଓ ନାରୀ ଶକ୍ତିର ବିକାଶ ପାଇଁ ବଦ୍ଧ ପରିକର ବୋଲି କହିବା ସହ ଏମାନଙ୍କୁ ଏକଜୁଟ କରି ୨୦୩୬କୁ ବିକଶିତ ଓଡିଶା ଓ ୨୦୪୭କୁ ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ଆଗେଇ ଆସିବାକୁ ଉପ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଜଗତସିଂହପୁର ସାଂସଦ ଶ୍ରୀ ତରାଇ ଏକତାର ପ୍ରତୀକ ସର୍ଦ୍ଦାର ପଟେଲଙ୍କ ଗୁଜୁରାଟ ରେ ପ୍ରତିଷ୍ଠିତ ମୂର୍ତ୍ତି ବିଶ୍ୱ ର ସର୍ବୋଚ୍ଚ ଅଟେ ବୋଲି କହିଥିଲେ । ବିପର୍ଯ୍ୟୟ, ବିପଦ ସମୟରେ ଏକଜୁଟ ହେବା ଭଳି ଖୁସି ଆନନ୍ଦ ସମୟରେ, ରାଷ୍ଟ୍ର ଗଠନ ସମୟରେ ଏକାଠି ହେବାର ଆବଶ୍ୟକତା ରହିଛି । ଲୌହ ମାନବଙ୍କ ୭୫ ବର୍ଷ ର ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣ ର ପ୍ରେରଣା ଦିଏ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିମାପଡା ଏନ ଏ ସି ଅଧ୍ୟକ୍ଷ ସସ୍ମିତା ସାହୁ, ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇ ସର୍ଦ୍ଦାର ପଟେଲଙ୍କ ଜୀବନୀ, କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ଏକତା ପଦଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ । ନିମାପଡା ବିଡିଓ ଡଃ ଅଭିଜିତ ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ଏକତା ଶପଥ ପାଠ କରାଇଥିଲେ । ପୂର୍ବରୁ ଅତିଥି ମାନେ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ନିମାପଡା ଏନଏସିର ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେହେରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ କଳାକାର ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପରେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅତିଥି ମାନେ ୬ ଗୋଟି ଡେସ୍କ ଟପ ଓ ୨ଟି ପ୍ରିଂଟର ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ କାଳିପାଟଣା ଠାରେ ଓ ବାରବାଟି ପଡିଆ ଠାରେ ଏକ ପେଡ ମା କେ ନାମ ଆଧାର ରେ ଅତିଥି ମାନେ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମନ୍ତ୍ରୀ ସୂର୍ଯ୍ୟବଂଶୀ ୬୦ ଜଣଙ୍କୁ ବାଂଟିଲେ ନିଯୁକ୍ତି ପତ୍ର

ଭଦ୍ରକ, ୧୩।୧୧ (ଆ.ପ୍ର) : ଭଦ୍ରକ ଜିଲାରେ ଶିକ୍ଷା ବିଭାଗ ପକ୍ଷରୁ ୩୦ ଜଣଙ୍କୁ ଅନୁକମ୍ପା ମୂଳକ ଥଇଥାନ ନିଯୁକ୍ତି ଦିଆଯାଇଥିବାବେଳେ ଓଡ଼ିଶା ଦକ୍ଷତା ବିକାଶ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଜ୍ୟସ୍ତରରେ ନୂଆ ଓଡ଼ିଶା ଡିଷ୍ଟ୍ରିକ୍ଟ କମ୍ପୋନେଂଟ ଯୋଜନା ମାଧ୍ୟମରେ ୨୭ ଜଣଙ୍କୁ ନିଯୁକ୍ତି ମିଳିଛି । ଅନୁରୂପ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩ ଜଣଙ୍କୁ ନିଯୁକ୍ତି ମିଳିଥିବାବେଳେ ସମୁଦାୟ ୬୦ ଜଣ ଯୁବକ/ଯୁବତୀଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସଂସ୍କୃତି ଭବନରେ ଆୟୋଜିତ ସଭାରେ ନିଯୁକ୍ତି ପତ୍ର ବଂଟନ କରିଛନ୍ତି । ଏମାନଙ୍କ ମଧ୍ୟରୁ ୩୦ ଜଣ ଅନୁକମ୍ପା ମୂଳକ ନିଯୁକ୍ତି ପାଇଥିବା ଯୁବକ/ଯୁବତୀମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ସରକାରଙ୍କ ଅଧୀନରେ ବିଭିନ୍ନ ସ୍କୁଲରେ ଚାକିରୀ ପାଇଛନ୍ତି । ଦକ୍ଷତା ବିକାଶ ଉନ୍ନୟନ ସଂସ୍ଥା ଦ୍ୱାରା ଯୁବକ/ଯୁବତୀମାନେ ବିଭିନ୍ନ ବୃତିଗତ କୌଶଳରେ ପ୍ରଶିକ୍ଷଣ ନେଇଛନ୍ତି । ଖ୍ୟାତିସଂପନ୍ନ କଂପାନୀମାନଙ୍କରେ ନିଯୁକ୍ତି ସୁଯୋଗ ପାଇ ନିଜ ଜୀବନକୁ ନୂତନ ଭାବେ ଗଢିବାର ସମ୍ଭାବନା ସୃଷ୍ଟି ହୋଇଥିବା ବିଷୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ତାଙ୍କର ଅଭିଭାଷଣରେ କହିଛନ୍ତି । ଭଦ୍ରକ ଜିଲାରେ ଏହି ଯୋଜନାରେ ଏକ ଘରୋଇ ପ୍ରଶିକ୍ଷଣ ସଂସ୍ଥା ଦ୍ୱାରା ମୋବାଇଲ୍ ହାର୍ଡୱେୟାର ରିପ୍ୟାରିଂ ଟେକ୍‌ନିସିଆନ ଟ୍ରେଡରେ ୨୭ ଜଣ ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଯୁବତୀ ମାନେ ନିଜର କୌଶଳ ଦ୍ୱାରା ସଫଳ ହୋଇ ଇଲେକ୍‌ଟ୍ରୋନିକ୍ସ ସିଷ୍ଟମ ସଲ୍ୟୁସନସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ନିଯୁକ୍ତି ପାଇଛନ୍ତି । ଚେନ୍ନାଇର ଏକ ଘରୋଇ କଂପାନୀରେ ଏମାନେ କାର୍ଯ୍ୟ କରିବେ । ଅନୁରୂପ ଶିକ୍ଷା ବିଭାଗର ଅନୁକମ୍ପା ମୂଳକ ଥଇଥାନ ଯୋଜନାରେ ୩୦ ଜଣ କାମ କରିବେ ବୋଲି ଜଣାପଡିଛି । ଆୟୋଜିତ ଏହି ନିଯୁକ୍ତି ବଂଟନ ମେଳାରେ ଜିଲାପାଳ ଦିଲ୍ଲୀପ ରାଉତରାୟ ନିଜ ଅଭିଭାଷଣରେ ଖୁବଶୀଘ୍ର ଆଉ ୪୦ ଜଣଙ୍କୁ ନିଯୁକ୍ତି ମିଳିବା ବିଷୟ ସୂଚନା ଦେଇଥିଲେ । ଏହି ନିଯୁକ୍ତି ବଂଟନ ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସରୋଜ ଦତ, ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅନିତା ନାୟକ, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ତୃପ୍ତିମୟୀ ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ରାଉରକେଲା ଇସ୍ପାତ କାରଖାନାର ମିଳିତ ସହଭାଗିତାରେ 'ଉଚ୍ଚତାରେ କାର୍ଯ୍ୟ' ଉପରେ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜିତ

ରାଉରକେଲା, ୧୩।୧୧ (ଆ.ପ୍ର) : ଓଡିଶା ସରକାରଙ୍କ ଫ୍ୟାକ୍ଟରି ଏବଂ ବଏଲର ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ ଦ୍ୱାରା ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ ପି)ର ସହଭାଗିତାରେ ସିପିଟିଆଇ ପ୍ରେକ୍ଷାଳୟରେ ନଭେମ୍ବର ୧୨ ତାରିଖରେ 'ଶୂନ୍ୟ ପତନ ଜୋନ: ଉଚ୍ଚତାରେ କାର୍ଯ୍ୟ ସମୟରେ ସୁରକ୍ଷା ଏବଂ ଛାତ ସିଟ ଆଚ୍ଛାଦନ' ଉପରେ ଆଧାରିତ 'ଉଚ୍ଚତାରେ କାର୍ଯ୍ୟ' ଶୀର୍ଷକ ଏକ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ଓଡିଶା ସରକାରଙ୍କ ଫ୍ୟାକ୍ଟରି ଏଣ୍ଡ ବୟଲର ରାଉରକେଲା ଡିଭିଜନର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ ତଥା ଫ୍ୟାକ୍ଟରି ଏଣ୍ଡ ବଏଲର ରାଉରକେଲା ଜୋନ୍-୧ ଏବଂ ୨ର ସହକାରୀ ନିର୍ଦ୍ଦେଶକ ସ୍ୱରାଜ କୁମାର ତ୍ରିପାଠି ମଂଚାସୀନ ଥିଲେ । ଏହି ଅବସରରେ ଶ୍ରୀ ପଲାଇ ତାଙ୍କର ଉଦଘାଟନୀ ଭାଷଣରେ ଉଚ୍ଚତାରେ କାମ କରିବା ସମୟରେ ସୁରକ୍ଷା ଅଭ୍ୟାସ ନିୟମର ସଠିକ ଅନୁପାଳନ କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷକରି ସେ ଏକ 'ଶୂନ୍ୟ ଦୁର୍ଘଟଣା' କାର୍ଯ୍ୟ ସଂସ୍କୃତିକୁ ସୁନିଶ୍ଚିତ କରିବା ଉପରେ ଜୋର ଦେଇଥିଲେ । ସେ କର୍ମଚାରୀ ଏବଂ ସୁପରଭାଇଜରଙ୍କ ମଧ୍ୟରେ ସଚେତନତା ଏବଂ ବୈଷୟିକ ଜ୍ଞାନ ବୃଦ୍ଧି ଲକ୍ଷ୍ୟ ରଖିଥିବା ଏହି ମିଳିତ ପ୍ରୟାସର ପ୍ରଶଂସା ମଧ୍ୟ କରିଥିଲେ । ବିଭୁ ପ୍ରସାଦ ଉକ୍ତ କାର୍ଯ୍ୟକ୍ରମ ଆୟୋଜନର ମୂଳ ଉଦ୍ଦେଶ୍ୟ ଉପରେ ଆଲୋଚନା କରିବା ସହିତ ଉଚ୍ଚତାରେ କାମ କରିବା ସହ ଜଡିତ ବୈଧାନିକ ଆବଶ୍ୟକତା, ବିପଦ କାରକ ଏବଂ ପ୍ରତିରୋଧକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ସେ ଆହୁରି ମଧ୍ୟ ପତନ-ସମ୍ବନ୍ଧୀୟ ଦୁର୍ଘଟଣା ଗୁଡ଼ିକୁ ଏଡାଇବା ନିମନ୍ତେ ନିୟମିତ ତାଲିମ ଏବଂ ଉପଯୁକ୍ତ ସୁରକ୍ଷା ଉପକରଣ ବ୍ୟବହାରର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ, ସ୍ୱରାଜ କୁମାର ତ୍ରିପାଠୀ ସମାବେଶକୁ ସ୍ୱାଗତ କରିଥିଲେ । ପରିଶେଷରେ ହୀରାଲାଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ପତନ ସୁରକ୍ଷା, ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ)ର ସଠିକ ବ୍ୟବହାର ଏବଂ ଉଚ୍ଚତାରେ ଛାତ ଚାଦର ପକାଇବା କାର୍ଯ୍ୟ ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ନିରାପଦ ଅଭ୍ୟାସ ର ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ପ୍ରତିରୋଧକ ପଦକ୍ଷେପ, ନିୟାମକ ନିର୍ଦ୍ଦେଶାବଳୀ ଏବଂ ବ୍ୟବହାରିକ ପ୍ରଦର୍ଶନ ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା ।

ସାଇବର ସୁରକ୍ଷା ଅଭିଯାନ

ବାଳିଗୁଡା, ୧୩।୧୧ (ଆ.ପ୍ର) : ବାଳିଗୁଡା ଉପଖଣ୍ଡ ପୋଲିସ ଅନୁକୁଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ସହ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲେ । ଏଥିରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦ, ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ ପାଢ, ଆଇଆଇସି ସମିତସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ବିଏସଏନଏଲ କାର୍ଯ୍ୟାଳୟ ସମ୍ମୁଖରେ ଏହାକୁ ନେଇ ସଚେତନତା ବୈଠକହୋଇଥିଲା ଏଥିରେ ଡିଜିଟାଲ ଠକେଇକିଭଳି ହେଉଛନ୍ତି ଓ ଓଟିପିକାହାକୁଦିଅନ୍ତୁ ନାହିଁ, ଠକାମିର ଶିକାର ହେଲେ ସାଇବର ହେଲ୍ପଲାଇନର ନେବାକୁ ପରାମର୍ଶ ଦେଇଥିଲେ ଓ ସାଇବର ଠକେଇ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାକକରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

ବାଉଦପୁର ବାଲିଯାତ୍ରା ଉତ୍ସବରେ ପୂଜାର୍ଚ୍ଚନା କଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ

ଭଦ୍ରକ, ୧୩।୧୧ (ଆ.ପ୍ର) : ବାଲିଯାତ୍ରା ମାତ୍ର ଏକ ଉତ୍ସବ ନୁହେଁ, ଏହା ଆମ ଐତିହ୍ୟ, ଆସ୍ଥା ଓ ଓଡ଼ିଆ ସଂସ୍କୃତିର ଜୀବନ୍ତ ପ୍ରତୀକ । ପ୍ରଭୁ ନିତାଇଗୌରାଙ୍ଗ ଓ ପ୍ରଭୁ ହରିହରଙ୍କ କୃପାରେ ଆମ ଭଦ୍ରକ ର ପବିତ୍ର ମାଟି ଶାନ୍ତି, ସମୃଦ୍ଧି ଓ ଉନ୍ନତିରେ ଭରିଯାଉ ବୋଲି ବାଉଦପୁର ବାଲିଯାତ୍ରା ଉତ୍ସବରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଭଦ୍ରକ ବ୍ଲକ ଅନ୍ତର୍ଗତ ବାଉଦପୁର ଗ୍ରାମ ପଂଚାୟତରେ ଆୟୋଜିତ ବାଲିଯାତ୍ରା ଉତ୍ସବରେ ପ୍ରଭୁ ନିତାଇଗୌରାଙ୍ଗ ଓ ପ୍ରଭୁ ହରିହରଙ୍କ ମନ୍ଦିରରେ ପହଂଚି ପୂଜା ଅର୍ଚ୍ଚନା କରିଥିଲେ ଶ୍ରୀ ସାମଲ । ଏହି ଅବସରରେ ଉପସ୍ଥିତ ଥିଲେ ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ବରୁଣ ଚାନ୍ଦ, ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ବିଜୁ ଯୁବ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବିକାଶ ଶ୍ରେଷ୍ଠା, ଯୁବନେତା ଦେବାଶିଷ ଭାରତୀ, ଛାତ୍ର ନେତା କାମେଶ ବାରିକ ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ନିମାପଡା, ୧୩।୧୧ (ଆ.ପ୍ର) : ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା କାକଟପୁର ବ୍ଲକ ହାଇସ୍କୁଲ ପଛପଟ ମିନି ଷ୍ଟାଡିୟମରେ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମାନ୍ୟବର ଜଗତସିଂହପୁର ସାଂସଦ ଡଃ ବିଭୁପ୍ରସାଦ ତରାଇ ଯୋଗଦେଇ ଆଗରୁ ଅନୁଷ୍ଠିତ ହେଉଥିବା ଜିଲ୍ଲା ସ୍ତରୀୟ ମେଳାରେ ଗ୍ରାମାଂଚଳର ଚାଷୀ ମାନେ ବହୁସଂଖ୍ୟାରେ ଅଂଶଗ୍ରହଣ କରିପାରୁ ନଥିବାରୁ ଏହି ମେଳାକୁ ରାଜ୍ୟ ସରକାର ବ୍ଲକ ସ୍ତରରେ କରି ସରକାରଙ୍କ ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା, ମାଛ ଚାଷ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା, ଜୈବିକ ପଦ୍ଧତିରେ ସଘନ ମାଛଚାଷ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ମାଛ ଯାଆଳ ଉତ୍ପାଦନକାରୀଙ୍କୁ ଇନପୁଟ୍ ସହାୟତା, ପ୍ରାଣୀ ପାଳନ ଯୋଜନା ସମ୍ବନ୍ଧୀୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ସଂପର୍କରେ ବିସ୍ତୃତ ସୂଚନା ବକ୍ତବ୍ୟ ମାଧ୍ୟମରେ ସୂଚିତ କରାଇଥିଲେ । ମୁଖ୍ୟବକ୍ତା କାକଟପୁରର ବିଧାୟକ ଡଂ ତୁଷାରକାନ୍ତି ବେହେରା, ସମ୍ମାନୀୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ରାଜେଶ କୁମାର ପାଣିଗ୍ରାହୀ, କାକଟପୁର ବ୍ଲକ ଆତ୍ମାର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ବିଭିନ୍ନ ବିଭାଗ ଗୁଡ଼ିକର ଷ୍ଟଲ ମାଧ୍ୟମରେ ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞଙ୍କ ଆଲୋଚନା ଚକ୍ର, ସଚେତନତା ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯିବା ସହିତ କେତେକ ଚାଷୀଙ୍କୁ ଗୋ- ସୁଗମ କାର୍ଯ୍ୟାଦେଶ ବଂଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ସାଂସଦ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

ବିପୁଳ ପରିମାଣର ଦେଶୀବିଦେଶୀ ମଦଜବତ ୧୪ ଅଭିଯୁକ୍ତ କୋର୍ଟଚାଲାଣ

ନୀଳଗିରି, ୧୩।୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଅବକାରୀବିଭାଗ ଅଧିକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀ ବିଭାଗର ଇନ୍‌ସପେକ୍ଟର କେଶବଚନ୍ଦ୍ର ଦାସ, ଏବଂ ଜିଲ୍ଲା ମୋବାଇଲ ୟୁନିଟ ଇନ୍‌ସପେକ୍ଟର ହରିହର ସିଂଙ୍କ ତତ୍ୱାବଧାନରେ ମିଳିତ ଚଢ଼ାଉ କରାଯାଇ ବିପୁଳପରିମାଣର ଦେଶୀବିଦେଶୀ ମଦଜବତ ସହିତ ୧୪ଜଣ ଅଭିଯୁକ୍ତଙ୍କୁ ଗିରଫକରାଯାଇ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ସୂଚନାଅନୁଯାୟୀ ଆଜି ଅପରାହ୍ଣରେ ନୀଳଗିରି ଅବକାରୀଥାନା ଅଧିନ କେନ୍ଦୁଝୁଂଟା, ମିତ୍ରପୁର, ଏବଂ ନୀଳଗିରି ଏନଏସି ୮ ନମ୍ବର ୱାର୍ଡ଼ ଟିମିନିଭାଟି, ଏବଂ ଗୁଡିଖାଣିଆ ଗ୍ରାମରୁ ୧୪ଜଣ ଚୋରାମଦ ବେପାରୀଙ୍କ ଠାରୁ ୨୦୨ ଲିଟର ଦେଶୀ, ୨୭.୩ ଲିଟର ବିଅର, ୩.୬ ଲିଟର ବିଦେଶୀମଦ ଜବତ କରିବାସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫକରି ପୃଥକପୃଥକ ମାମଲା ରୁଜୁ କରାଯିବାପରେ ବେଲ ନାମାଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ମନୋଜ କୁମାର ସାହୁ, ଜିଲ୍ଲା ମୋବାଇଲ ୟୁନିଟ ଏଏସଆଇ ଲମ୍ବୋଦର ମହନ୍ତ ଏବଂଅନ୍ୟ ଅବକାରୀ କର୍ମଚାରୀ ସାମିଲ ଥିଲେ ।

ଡିସେମ୍ବର ୧୪ରୁ ସର୍ବଭାରତୀୟସ୍ତରୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ

ଖଣ୍ଡପଡ଼ା, ୧୩।୧୧ (ଆ.ପ୍ର) : ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧିନ ଫତେଗଡ଼ ଗ୍ରାମସ୍ଥିତ ନାଲି ସାଗର ଷ୍ଟାଡିୟମରେ ଆସନ୍ତା ଡିସେମ୍ବର ୧୪ ତାରିଖରୁ ସର୍ବ ଭାରତୀୟ ସ୍ତରୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଂଟ ଆରମ୍ଭ ହେବ । ଫତେଗଡ ଯୁବକ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଂଟରେ ଗତବର୍ଷର ଚାମ୍ପିୟନସ ଓ ରନର୍ସଅପ ଟିମ ସମେତ ୮ ଟି ଟିମ ଅଂଶଗ୍ରହଣ ଗ୍ରହଣ କରିବେ ବୋଲି ଏ ପରିପ୍ରେକ୍ଷୀରେ ଷ୍ଟାଡିୟମ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିବା ଜଣାପଡିଛି । ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ବୈଠକରେ ଯୋଗ ଦେଇ ଆୟୋଜିତ ଟୁର୍ଣ୍ଣାମେଂଟର ରୁପରେଖା ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ମନୋଜ କୁମାର ପ୍ରଧାନ, ଓସିଏର ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ବସନ୍ତ କୁମାର ମାଝୀ, ରାଜ୍ୟ କ୍ରୀଡ଼ା ଜଗତର ଭାଷ୍ୟକାର ବୁବୁ ସିହ୍ନା ଏବଂ ସରୋଜ କୁମାର ମହାପାତ୍ର, ସ୍କୋରର ପବିତ୍ର କୁମାର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଂଟ ସଂପର୍କରେ ସବିଶେଷ ଆଲୋଚନା ହୋଇଥିଲା । ଫତେଗଡ଼ ଯୁବକ ସଂଘର ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଂଟର ମାର୍ଗଦର୍ଶକ ସୁଧାଂଶୁ ଶେଖର କର ବୈଠକରେ ସଂଯୋଜନା କରିଥିଲେ ।

ପ୍ରତିଭା ଚୟନ ପ୍ରତିଯୋଗିତା 'ମହକ' ଅନୁଷ୍ଠିତ

ଭଦ୍ରକ, ୧୩।୧୧ (ଆ.ପ୍ର) : ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଙ୍କ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ମଧ୍ୟରେ ପ୍ରତିଭା ଚୟନ ପ୍ରତିଯୋଗିତା 'ମହକ' ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନେ କନିଷ୍ଠ ବିଭାଗରେ କୁଇଜ୍ ଓ ସଙ୍ଗୀତରେ ପ୍ରଥମ ହେବା ସହ ଉତ୍କର୍ଷତା ପ୍ରଦାନ କରି ଚମ୍ପିୟାନ ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଭଦ୍ରକ, ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ଅନୁଷ୍ଠାନ ପକ୍ଷରୁ ଶିଶୁ ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

କିୟୋର୍ ଏନ କେୟାର ହସ୍ପିଟାଲର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର ଓ ରୋଗି ମାନଙ୍କୁ ଫଳ ବଂଟନ

ବାସୁଦେବପୁର, ୧୩।୧୧ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ପୌରପାଳିକା ଅନ୍ତର୍ଗତ ବାସୁଦେବ ପୁର ଧାମରା ରୋଡରେ ଥିବା କିୟୋର୍ ଏନ କେୟାର ହସ୍ପିଟାଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କିୟୋର୍ ଏନ କେୟାର ହସ୍ପିଟାଲର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି ଓ ମେଡ଼ିକାଲ ରେ ରୋଗୀ ମାନଙ୍କୁ ଫଳ ବଂଟନ କରାଯାଉଛି, ଏହି ରକ୍ତଦାନ ଶିବିରରେ ୨୭ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏଥିରେ ଯୋଗ ଦାନ କରିଥିଲେ କିୟୋର୍ ଏନ କେୟାର ହସ୍ପିଟାଲର ଅଧିକାର ଡକ୍ଟର ଘନଶ୍ୟାମ ଦାସ, ଡକ୍ଟର୍ ଦେବାଶିଷ ଦେ, ଡକ୍ଟର ସୁରଜ୍ ଜେନା, ଡକ୍ଟର ଆଲୋକ ପଣ୍ଡା, ଡକ୍ଟର ରାକେଶ ଦାସ, ଡକ୍ଟର ରାହୁଲ ଦାସ, ମ୍ୟାନେଜର ମନୋରଞ୍ଜନ ବାରିକ, ଅକ୍ଷୟ କୁମାର ବଳ, ବେଦ ଗୋପାଳ ପରିଡାଙ୍କ ସମେତ କିୟୋର୍ ଏନ କେୟାର ହସ୍ପିଟାଲର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ନୂଆପଡ଼ା ଜିଲ୍ଲାପାଳଙ୍କ ଭୋଟ ଗଣତି କେନ୍ଦ୍ର ପରିଦର୍ଶନ ଆବଶ୍ୟକ ସମସ୍ତ ପ୍ରସ୍ତୁତିର ସମୀକ୍ଷା କଲେ

ନୂଆପଡା, ୧୩।୧୧ (ଆ.ପ୍ର) : ନୂଆପଡା ଉପନିର୍ବାଚନର ଅନ୍ତିମ ପ୍ରକ୍ରିୟା, ଭୋଟ ଗଣତି କାର୍ଯ୍ୟକ୍ରମ ଆସନ୍ତା କାଲି ଅନୁଷ୍ଠିତ ହେବ । ସ୍ଥାନୀୟ ନେସନାଲ କଲେଜରେ ଏଥିପାଇଁ ସମସ୍ତ ଆବଶ୍ୟକ ବନ୍ଦୋବସ୍ତ କରାଯାଇଛି । ଆଜି ଅପରାହ୍ନ ରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଭୋଟ ଗଣତି କେନ୍ଦ୍ର ପରିଦର୍ଶନ କରି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ସମସ୍ତ ଇଭିଏମ ଏବଂ ଭିଭିପାଟ କଲେଜର ଷ୍ଟ୍ରଙ୍ଗ ରୁମ୍‌ରେ ସିଲ୍ ହୋଇ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ଭାବରେ ରହିଛି । ଗଣତି କେନ୍ଦ୍ର ତଥା VVPAT କକ୍ଷକୁ ପ୍ରସ୍ତୁତ କରାଯାଇଛି । ବିଜୁଳି ଏବଂ ଶୌଚାଳୟ ବ୍ୟବସ୍ଥା ହୋଇଛି । ଗଣତି କେନ୍ଦ୍ରକୁ ଆସିବା ପାଇଁ ଅଧିକାରୀ, ପୋଲିଂ ଏଜେଂଟ ତଥା ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର କରିଡ଼ର ନିର୍ମିତ ହୋଇଛି । ନିର୍ବାଚନ ପର୍ଯ୍ୟବେକ୍ଷକ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ଣ୍ଣିଂ ଅଫିସରଙ୍କ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଛି । ପ୍ରତି ରାଉଣ୍ଡ ଗଣତି ଶେଷରେ ଫଳାଫଳ ନିର୍ବାଚନ କମିଶନ୍ ତଥା ମିଡିଆକୁ ଦେବା ପାଇଁ ବ୍ୟବସ୍ଥା ହୋଇଛି । ପ୍ରିଂଟ ଏବଂ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ସାମ୍ବାଦିକ ମାନେ ସୁବିଧାରେ ସମ୍ବାଦ ସଂଗ୍ରହ ଓ ପ୍ରେରଣ ପାଇଁ ଏକ ସ୍ୱତନ୍ତ୍ର ମିଡିଆ କକ୍ଷ ଖୋଲାଯାଇଛି । ଏଠାରେ ଟେଲିଭିଜନ ତଥା କମ୍ପ୍ୟୁଟର ସୁବିଧା ଯୋଗାଇ ଦିଆ ଯାଇଛି । ଶାନ୍ତି ଶୃଙ୍ଖଳା ବ୍ୟବସ୍ଥାର ନୀରିକ୍ଷଣ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମିତ୍ ପାଲ୍ ସିଂ ମଧ୍ୟ ଉପସ୍ଥିତ ଥିଲେ । ସେ ମୁତୟନ ଥିବା ସମସ୍ତ ଅଧିକାରୀ ଓ ଯବାନ ମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଏକ ମିଟିଂ କରି ସୂଚନା ଦେଇଥିଲେ । ସେ ସାମ୍ବାଦିକ ମାନଙ୍କୁ ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ମିଡିଆ ବାଇଟ ଦେଇଥିଲେ । ଭୋଟ ଗଣତି ନିର୍ଦ୍ଧାରିତ ସମୟରେ ସକାଳ ୦୮.୦୦ ଘଂଟା ସମୟରେ ଆରମ୍ଭ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଆଜି ନେସନାଲ କଲେଜରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ତଥା ଆର୍ ଓ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରସ୍ତୁତିର ତଦାରଖ କରିଥିଲେ । ମତଦାନ ଭଳି ଭୋଟ ଗଣତି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ, ପାରଦର୍ଶୀ ଓ ସଫଳତାର ସହିତ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି ।

ମୁଣ୍ଡମାଳ ଗ୍ରାମରେ ମା' ଲକ୍ଷ୍ମୀ ଦେବୀଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଓ ଯଜ୍ଞ

ଟାଙ୍ଗୀ ଚୌଦ୍ୱାର, ୧୩।୧୧ (ଆ.ପ୍ର) : ଚୌଦ୍ୱାର ପୌର ପାଳିକା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମ ସ୍ଥିତ ଶ୍ରୀ ଶ୍ରୀଅନନ୍ତ ବାସୁଦେବ ମଠ, ମନ୍ଦିର ପରିସରରେ ମା ଲକ୍ଷ୍ମୀ ଦେବୀଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଓ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ମହାସମାରୋହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଅଛି । ପୂଜକ ରଶ୍ମି ରଞ୍ଜନ ଷଡଙ୍ଗୀ ଓ ଜଗନ୍ନାଥ ପୂଜା କମିଟିର ପ୍ରଚେଷ୍ଟା ବଳରେ ଦୀର୍ଘ ଛଅ ବର୍ଷ ଧରି ମା ଲକ୍ଷ୍ମୀଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଆସୁଅଛି । ଏବର୍ଷ ମଧ୍ୟ ନଭେମ୍ବର ୧୩ତାରିଖ ବିଧିବାର କଳସ ଶୋଭାଯାତ୍ରା ଓ ଅଧିବାସ, ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା, ବାର୍ଷିକ ଉତ୍ସବ, ଯଜ୍ଞ ପୂର୍ଣ୍ଣାହୁତି ସହିତ ମନ୍ଦିର କମିଟି ପକ୍ଷରୁ ପ୍ରାୟ ଦୁଇରୁ ଅଢେଇ ହଜାର ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ବେଳେ ସାରା ଅଂଚଳର ଶ୍ରଦ୍ଧାଳୁ ମାନଙ୍କର ଭିଡ ଦେଖିବାକୁ ମିଳିଥିଲା । ଅଂଚଳ ଏକ ପ୍ରକାର ଭକ୍ତିମୟ ପରିବେଶ ହୋଇ ଉଠିଥିଲା ।

ଦେଶି ଆଳୁ ଖାଇ ୧୫ ଅସୁସ୍ଥ

ପାତ୍ରପୁର, ୧୩।୧୧ (ଆ.ପ୍ର) : ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ଓ କେଲୁଆ ନିକଟସ୍ଥ ନାରାୟଣପୁର ଗ୍ରାମର ତିନି ପରିବାରଙ୍କ ୧୩ ଜଣ ସମେତ ୧୫ ଜଣ ବ୍ୟକ୍ତି ଦେଶି ଆଳୁ ଖାଇ ଅସୁସ୍ଥ ହୋଇଥିବା ଜଣାପଡ଼ିଛି । ସାମନ୍ତିଆପଲ୍ଲୀ ଗ୍ରାମର ଦୁଇ ପରିବାରର ଅସୁସ୍ଥ ମାନେ ହେଲେ ପି. ଝାନ୍ସି (୨୨), ପି. ପଦ୍ମା ଆଚାରୀ (୫୫), ପି. ମୋହନା ରାଓ ଆଚାରୀ (୬୯), ପି. ରାଣୀ ଆଚାରୀ (୩୭), କେ. ହେମା ଆଚାରୀ (୩୦), କେ. କୁସୁମାଞ୍ଜଳୀ ଆଚାରୀ (୨୯), କେ. ଅଞ୍ଜଳୀ ଆଚାରୀ (୨୧), କେ. କୃଷ୍ଣମୂର୍ତ୍ତୀ ଆଚାରୀ (୭୪), କେ. ରୋଜା ଆଚାରୀ (୪୧) ୯ ଜଣ ସମେତ ସମ୍ଭାରୁ କନ୍ୟାରୀ (୫୦), ରାଜୀବ ପ୍ରଧାନ (୧୮) । ସେହିଭଳି ନାରାୟଣପୁର ଗ୍ରାମର ଦୁଇ ଦମ୍ପତି ସୁକାନ୍ତ ପ୍ରଧାନ (୪୦), ସୁଦାମ ପ୍ରଧାନ, କାମିନୀ ପ୍ରଧାନ (୩୫), ପଦ୍ମିନୀ ପ୍ରଧାନ ପ୍ରମୁଖଙ୍କୁ ମିଶାଇ ୧୫ ଜଣ ଅସୁସ୍ଥ ହୋଇଥିବା ଜଣାପଡ଼ିଛି । ଏଥିରେ କେ. କୃଷ୍ଣମୂର୍ତ୍ତୀଙ୍କ ଅବସ୍ଥା ଗୁରୁତର ହେତୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ସାମନ୍ତିଆପଲ୍ଲୀ ଓ ନାରାୟଣପୁର ଗ୍ରାମର ଦୁଇ ଜଣ ବ୍ୟକ୍ତି ସାତ ଦିନ ପୂର୍ବେ କୌଣସି କାମରେ ଗୁଣପୁର ଯାଇ ଫେରିଲା ବେଳେ ରାସ୍ତାରେ ଗୁରୁବାର ପୂଜା ପାଇଁ ଦେଶି ଆଳୁ କିଣିଥିଲେ । ଆଜି ମାଣବସା ଗୁରୁବାର ପୂଜା ହେତୁ ସେହି ଦେଶି ଆଳୁ ଖାଇ ସମସ୍ତେ ଅସୁସ୍ଥ ହୋଇଥିବା ଜଣାପଡ଼ିଛି ।

ରାଜକିଆରୀ ପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା, ୧୩।୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧିନ ସିଧାମୂଳା ପଂଚାୟତର ରାଜକିଆରୀ ପ୍ରାଥମିକ ବିଦ୍ୟାଳୟର ନାମ ଆସନ୍ତା ୨ ସପ୍ତାହ ମଧ୍ୟରେ ତୁରନ୍ତ ପରିବର୍ତ୍ତନ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପ୍ରଦାନ କରିଥିବା ଜଣାଯାଇଛି । ଏ ପରିପ୍ରେକ୍ଷୀରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ବିଦ୍ୟାଳୟର ନାମ ପରିବର୍ତ୍ତନ କରାନଯାଏ ତାହାଲେ ଏ ବାବଦରେ ଦୈନିକ ୧ ହଜାର ଟଙ୍କା ଲେଖାଏଁ, ଏ ନେଇ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା, ଏ ସଂପର୍କିତ ନିର୍ଦ୍ଦେଶନାମା ପତ୍ରରୁ ଜଣାପଡିଛି । ପ୍ରକାଶଥାଉକି ରାଜକିଆରୀ ପ୍ରାଥମିକ ବିଦ୍ୟାଳୟଟି ସିଧାମୂଳା ପଂଚାୟତ ଅଧିନ କନାସିଂ ରାଜସ୍ୱ ଗ୍ରାମରେ ଅବସ୍ଥିତ । ତେବେ ରାଜକିଆରୀ ନାମରେ କୌଣସି ଜନବସତି ଗ୍ରାମ ନତୁବା ରାଜସ୍ୱ ଗ୍ରାମ ନଥିବା ବେଳେ ରାଜକିଆରୀ ଏକ ବାସହୀନ ବେଚ୍ଛପୁରୀ ଗ୍ରାମ ବୋଲି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ତେବେ କନାସିଂ ଗ୍ରାମର ବାସିନ୍ଦା ଦିର୍ଘ ବର୍ଷ ଧରି ଉକ୍ତ ବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀ ଓ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳିନଥିଲା । ତେବେ କନାସିଂ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ସମସ୍ତ ତଥ୍ୟ ଓ ପ୍ରମାଣକୁ ଆଧାର କରି ରାଜକିଆରୀ ପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ କରି କନାସିଂ ପ୍ରାଥମିକ ବିଦ୍ୟାଳୟ ଲେଖିବାକୁ ଗତ ନଭେମ୍ବର ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରଦାନ ପରେ କନାସିଂ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି ।

ଭଦ୍ରକ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଭଦ୍ରକ, ୧୩।୧୧ (ଆ.ପ୍ର) : ସ୍ଥାନୀୟ ବ୍ରହ୍ମପୁର ଗ୍ରାମପଂଚାୟତ ଅଧୀନସ୍ଥ ଡାଙ୍ଗୁଆସାହି ପଡିଆରେ ଭଦ୍ରକ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ବ୍ଲକର ସମସ୍ତ ଗ୍ରାମପଂଚାୟତରୁ ୭୨୦ ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀ ପାଳକ ଯୋଗ ଦେଇଥିଲେ । ଏଥିସହ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଆଗ୍ରହୀ ଜନସାଧାରଣ ବହୁସଂଖ୍ୟାରେ ଉପସ୍ଥିତ ଥିଲେ । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏହି ମେଳାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କର ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଅଧିକରୁ ଅଧିକ ଚାଷୀ ସରକାରୀ ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଭଦ୍ରକ ପଂଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ବ୍ରହ୍ମପୁରର ସରପଂଚ ନରହରି ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ହୃଷିକେଶ ବେହେରା, ଭାରପ୍ରାପ୍ତ ଜିଲା ମତ୍ସ୍ୟ ଉନ୍ନୟନ ଅଧିକାରୀ ଅମର କୁମାର ସାହୁ ପ୍ରମୁଖ ଯୋଗଦେଇ ଚାଷୀ ଓ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସୁଯୋଗ ନେଇ ନିଜକୁ ଆତ୍ମନିର୍ଭର ହେବାକୁ ଆହ୍ୱାନ ଦେଇଥିଲେ । ବିଶେଷକରି ଉପାଦେୟ ସରକାରୀ ଯୋଜନା ଦ୍ୱାରା ଭଦ୍ରକ ବ୍ଲକ୍ ଏବଂ ଜିଲାରେ କ୍ଷୀର, ଅଣ୍ଡା, ମାଂସ ଓ ମାଛ ଉତ୍ପାଦନରେ ଏକ ଅଗ୍ରଣୀ ଜିଲା ଭାବେ ପରିଗଣିତ ହୋଇପାରିଛି । ଏହି ମେଳାରେ ପ୍ରାଣୀସଂପଦ ବିକାଶ ବିଭାଗ, ମତ୍ସ୍ୟ ବିଭାଗ, ଓମ୍‌ଫେଡ, ଉଦ୍ୟାନ ଓ କୃଷି ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ସଫଳ ଚାଷୀ ଭାବେ ପ୍ରାଣୀ ସଂପଦ ଓ ମତ୍ସ୍ୟ ବିଭାଗରୁ ୪ ଜଣ ଲେଖାଏଁ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାଲା ମାଧ୍ୟମରେ ଚାଷୀମାନଙ୍କୁ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଭଦ୍ରକ ଜିଲା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଉପ ନିର୍ଦ୍ଦେଶକ ଡ. ଭକ୍ତହରି ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

ବିଦ୍ୟୁତ ବିଭାଗ ପକ୍ଷରୁ ସଚେତନତା ଶିବିର

ଭୋଗରାଇ, ୧୩।୧୧ (ଆ.ପ୍ର) : ଭୋଗରାଇ ସବଡିଭିଜନରେ ଥିବା ଦେହୁର୍ଦ୍ଦା ଉପଖଣ୍ଡ ବିଦ୍ୟୁତ ବିଭାଗ ପରିସରରେ ଗୁରୁବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭୋଗରାଇ ଟିପିଏନଓଡିଏଲର ଏସଡିଓ କାନ୍ତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ସମାଜସେବୀ ଓ ବିଦ୍ୟୁତ ଉପଭୋକ୍ତା ମାନେ ଉପସ୍ଥିତ ଥିଲେ । ଏହି ଶିବିରରେ ଜଳେଶ୍ୱର ଡିଭିଜନର ଉପଭୋକ୍ତା ସମ୍ପର୍କୀୟ କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଇପ୍ସିତା ମିଶ୍ର ଯୋଗଦେଇ ଉପଭୋକ୍ତା ମାନଙ୍କୁ ମୋବାଇଲରେ ବିଦ୍ୟୁତ ବିଲ୍ ପୈଠ କରିବା ସହିତ ଅଧିକ ସବସିଡି ପାଇବା, ପିଏମ ସୂର୍ଯ୍ୟ ଘର ଯୋଜନା ଓ ଇ-ବିଲ୍ କରିବା ବାବଦରେ ସଚେତନତା କରାଇଥିଲେ । ଏହି ଶିବିରରେ ଦେହୁର୍ଦ୍ଦା ସେକ୍ସନ କନିଷ୍ଠ ଯନ୍ତ୍ରୀ ଚନ୍ଦନ କୁମାର ଚୌଧୁରୀ, ଲାଇନ୍ ମେନ୍ ସୃଷ୍ଟିଧର ପାତ୍ର, ରାମହରି ପାଳ, ବାସୁଦେବ ମହାନ୍ତି, ହରିଶ୍ଚନ୍ଦ୍ର ଭୂୟାଁ, ପାର୍ଥ ସାରଥୀ ପାତ୍ର, ଅରବିନ୍ଦ ଦାସ, ପ୍ରଦୀପ ଖଣ୍ଡା, ଭବତୋଷ କର ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶେଷରେ ସେକ୍ସନ ବାଣିଜ୍ୟ ଅଧିକାରୀ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

୩୮ ତମ ଆନ୍ତଃରାଜ୍ୟ ସିନିୟର ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ପାଇଁ ଜଗତସିଂହପୁର ଦଳର ପୁରୀ ଯାତ୍ରା

ଜଗତସିଂହପୁର, ୧୩।୧୧ (ଆ.ପ୍ର) : ରାଜ୍ୟ ହ୍ୟାଣ୍ଡବଲ ସଂଘ ଓ ପୁରୀ ଜିଲ୍ଲା ହ୍ୟାଣ୍ଡବଲ ସଂଘର ମିଳିତ ଆନୁକୂଲ୍ୟରେ ପୁରୀ ଠାରେ ୩୮ ତମ ରାଜ୍ୟସ୍ତରୀୟ ସିନିୟର ପୁରୁଷ ଓ ମହିଳା ହାଣ୍ଡବଲ ଚମ୍ପିଆନସିପ୍ ନଭେମ୍ବର ମାସ ୧୪ ତାରିଖରୁ ୧୬ ତାରିଖ ତିନି ଦିନ ଧରି ପୁରୀ ଇଣ୍ଡୋର ଷ୍ଟାଡିୟମ ଠାରେ ତିନି ଦିନ ଧରି ଅନୁଷ୍ଠିତ ହେବ । ଏହି ଖେଳରେ ଯେଉଁ ଖେଳାଳୀ ମାନେ ଭଲ ଖେଳ ପ୍ରଦର୍ଶନ କରିବେ, ସେମାନେ ଆଗାମୀ ଦିନରେ ଓଡିଶା ଦଳରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ । ଏଥିପାଇଁ ଜଗତସିଂହପୁର ଜିଲ୍ଲାର ପୁରୁଷ ଓ ମହିଳା ଦଳ ଏହି ଖେଳରେ ଭାଗ ନେବାକୁ କୋଚ ପ୍ରିୟନାଥ ରାୟ ଓ ମ୍ୟାନେଜର ବିଜୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଦଳ ପୁରୀ ଯାତ୍ରା କରିଛନ୍ତି । ଜଗତସିଂହପୁର ଦଳର ଖେଳାଳୀ ମାନଙ୍କୁ ଜିଲ୍ଲା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ ଓ ସମ୍ପାଦକ ସାରଦା ପ୍ରସାଦ ଦାସ ଶୁଭେଚ୍ଛା ଜଣାଇଛନ୍ତି । ଏହି ଦଳ ସାଙ୍ଗରେ ଅଫିସିଆଲ୍ ଭାବରେ ରଞ୍ଜିଲ୍ ଖାଁ, ସ୍ନେହଲତା ବେହେରା ମଧ୍ୟ ପୁରୀ ଗସ୍ତ କରିଛନ୍ତ ।

ଭୁବନେଶ୍ୱର ସିଏସଆଇଆର-ଆଇଏମଏମଟି ଠାରେ ଜାତୀୟ ସମ୍ମିଳନୀ 'କୋହୋର୍ଟ କନେକ୍ଟ'କୁ ଉଦଘାଟନ କଲେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ

ଭୁବନେଶ୍ୱର, ୧୩।୧୧ (ପି.ଆଇ.ବି) : ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ଆଜି ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି ଠାରେ ଲଙ୍ଗିଟ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ-କୋହୋର୍ଟ କନେକ୍ଟକୁ ଉଦଘାଟନ କରି ସେ କହିଛନ୍ତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ । ଡକ୍ଟର ସିଂ ଅଧିକ କହିଛନ୍ତି, "ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍ । ସୂଚନାଯୋଗ୍ୟ, କୋହୋର୍ଟ ଷ୍ଟଡିଜ୍ ଏପରି ଏକ ଅଧ୍ୟୟନକୁ ବୁଝାଇଥାଏ ଯେଉଁଥିରେ ସମାନ ବୈଶିଷ୍ଟ୍ୟ ଥିବା ଏକ ଗୋଷ୍ଠୀର ସ୍ୱାସ୍ଥ୍ୟାବସ୍ଥା ଓ ଜୀବନଶୈଳୀକୁ ଅନୁଧ୍ୟାନ କରାଯାଇଥାଏ ଯାହାଫଳରେ ସେମାନଙ୍କ ଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ବିପଦ କାରକକୁ ଚିହ୍ନଟ କରାଯାଇପାରିବ । ଆଜିର କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ କୋହୋର୍ଟ ପାଇଁ ରହିଥିବା ସୁଯୋଗ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଏହା ସ୍ୱାସ୍ଥ୍ୟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଏବଂ ଜୀବନଶୈଳୀ କାରକଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ପ୍ରତ୍ୟେକ କାରକ ଦେଶର ଆହାର, ପରିବେଶ ଏବଂ ଆନୁବଂଶିକ ଢାଂଚାରେ ଅସାଧାରଣ ବିବିଧତା ଦ୍ୱାରା ଆକାର ନେଇଥାଏ । ଡକ୍ଟର ସିଂ କହିଛନ୍ତି, ଭାରତରେ ପାଚନକ୍ରିୟା ସହ ଜଡ଼ିତ ବିକାର ପ୍ରାୟତଃ ପରସ୍ପର ସହ ଯୋଡ଼ି ହୋଇ ରହିଥିବା ସ୍ଥିତି ରୂପରେ ସାମ୍ନାକୁ ଆସିଥାଏ ଏବଂ ଏହାକୁ ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗର ବ୍ୟାପକ ପରିଦୃଶ୍ୟଠାରୁ ଅଲଗା କରାଯାଇପାରିବ ନାହିଁ । ଯକୃତ୍ ଏବଂ ମଧୁମେହ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି, ସେ କହିଥିଲେ ଯେ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣ ଠାରୁ ଆଗକୁ ବଢ଼ିବାକୁ ପଡ଼ିବ । ଦୀର୍ଘ ଦଶନ୍ଧିର ନିଦାନଗତ ଅଭିଜ୍ଞତାକୁ ଆଧାର କରି, ସେ କହିଥିଲେ ଯେ ଭାରତୀୟ ଫେନୋଟାଇପରେ ଏକ ସ୍ୱତନ୍ତ୍ର ପାଚନକ୍ରିୟା ଜନିତ ଦୁର୍ବଳତା ରହିଛି ଯାହା ଅନେକ ପିଢ଼ି ଧରି ବିଦେଶରେ ବସବାସ କରୁଥିବା ଭାରତୀୟଙ୍କ ଭିତରେ ମଧ୍ୟ ପରିଲକ୍ଷିତ ହୁଏ । ସେ ମଧ୍ୟ ବଡ଼ ଧରଣର ଜିନୋମ୍ ସିକ୍ୱେନ୍ସିଂ ଏବଂ ହିମୋଫିଲିଆ ପାଇଁ ଦେଶର ପ୍ରଥମ ସ୍ୱଦେଶୀ ନିଦାନଗତ ପରୀକ୍ଷଣ ଭଳି ମାଇଲଖୁଂଟ ବିଷୟରେ ଉଲ୍ଲେଖ କରିଥିଲେ । ନୂତନ ଚିକିତ୍ସା ଏବଂ ଆଧୁନିକ ଔଷଧଗୁଡ଼ିକୁ ଦୀର୍ଘକାଳୀନ ତଥ୍ୟ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବା ଉଚିତ ବୋଲି ସେ ସତର୍କ କରାଇବା ସହ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରାୟ ୭୦% ଜନସଂଖ୍ୟା ୪୦ ବର୍ଷରୁ କମ୍, ଭାରତକୁ ନିବାରଣ, ପ୍ରାରମ୍ଭିକ ହସ୍ତକ୍ଷେପ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସ୍ୱାସ୍ଥ୍ୟ ସମାଧାନକୁ ପ୍ରାଥମିକତା ଦେବାକୁ ପଡିବ । କୋହର୍ଟ କନେକ୍ଟ ସମ୍ମିଳନୀରେ ସାରା ଦେଶରୁ ବୈଜ୍ଞାନିକ, ଡାକ୍ତର, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ କୋହର୍ଟ ଗବେଷଣାକାରୀ ଭାଗ ନେଇ ଲଙ୍ଗିଟ୍ୟୁଡିନାଲ କୋହୋର୍ଟ ଗବେଷଣାର ବିସ୍ତାରିତ ଦୃଶ୍ୟପଟ ଉପରେ ଆଲୋଚନା କରୁଛନ୍ତି । କାର୍ଯ୍ୟକ୍ରମରେ ପିଆଇ-ଟେକ୍ ପ୍ରଗତି, ମଲ୍ଟି-ଓମିକ୍ସ ଇଂଟିଗ୍ରେସନ୍, ଡିଜିଟାଲ୍ ସ୍ୱାସ୍ଥ୍ୟ ରେକର୍ଡ ପ୍ରଣାଳୀ, ବାର୍ଦ୍ଧକ୍ୟ ଏବଂ ଡିମେନ୍ସିଆ ଗବେଷଣା, ଜନଜାତି ସ୍ୱାସ୍ଥ୍ୟ କୋହୋର୍ଟ, ମାତୃ ଶିଶୁ ସ୍ୱାସ୍ଥ୍ୟ ପଦକ୍ଷେପ, କାର୍ଡିଓ ମେଟାବୋଲିକ୍ ଅଧ୍ୟୟନ, ଏକ୍ସପୋଜମ୍ ସାଇନ୍ସ ଏବଂ ଭାରତ ପାଇଁ ନିର୍ଦ୍ଦିଷ୍ଟ ବିପଦ ପୂର୍ବାନୁମାନ ମଡେଲ ଉପରେ ଅଧିବେଶନ ଆୟୋଜନ କରାଯାଇଛି । ଏହା ଭାରତରେ ସଠିକ୍ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ପାଇଁ ବ୍ୟାପକ ବୈଜ୍ଞାନିକ ପ୍ରୟାସକୁ ପ୍ରତିଫଳିତ କରିଥାଏ । ସମ୍ମିଳନୀର ଅଧିବେଶନଗୁଡ଼ିକରେ ସମନ୍ୱିତ ରୋଗ ନିରୂପଣ ମୂଲ୍ୟାଙ୍କନ, ବୃକକ୍-ରୋଗ ଗୋଷ୍ଠୀ ଏବଂ ସିଲିଆକ୍-ରୋଗ ଜୈବ ରିପୋଜିଟୋରୀ ଠାରୁ ଆରମ୍ଭ କରି ଜିଏଆଇଡିଏଚ-ଆଇଏନଆଇ ଅଧୀନରେ ଜନ୍ମ-ପରିଣାମ ଗବେଷଣା, ପିର୍ମୀ-ଜନ୍ମ ଜିନୋମିକ୍ସ, ବୀରଭୂମ ଜନସଂଖ୍ୟା ପ୍ରକଳ୍ପ ଏବଂ ସି ଏ ଅ । ର ଅ । ର ଏ ସ କାର୍ଡିଓମେଟାବୋଲିକ୍ ଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଆଇସିଏମଆର-ଇଣ୍ଡିଆବି ଅଧ୍ୟୟନ, ନୂଆଦିଲ୍ଲୀ ଜନ୍ମ ଗୋଷ୍ଠୀ ଏବଂ ଜାତୀୟ ଜନଜାତି-ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ମଧ୍ୟ ବିଚାରବିମର୍ଶ କରାଯାଇଛି । ପ୍ୟାନେଲ୍ ଆଲୋଚନାରେ ତଥ୍ୟ ଅଂଶୀଦାର, ମିଳିତ ଗବେଷଣାରେ ନୈତିକତା ଏବଂ ଭାରତର ଆଦିବାସୀ ସମ୍ପ୍ରଦାୟ ପାଇଁ ବିକଶିତ ଦୃଷ୍ଟିକୋଣ ଉପରେ ଆଲୋଚନା କରାଯାଇଥିଲା । ଅନ୍ୟପଟେ ଶିଳ୍ପ ଅଂଶୀଦାରମାନେ ପରବର୍ତ୍ତୀ ପିଢ଼ିର ସ୍ୱାସ୍ଥ୍ୟ ଗବେଷଣାକୁ ଚଲାଇ ଆସୁଥିବା ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀରେ ଡକ୍ଟର ରାମାନୁଜ ନାରାୟଣ (ନିର୍ଦ୍ଦେଶକ, ସିଏସଆଇଆର-ଆଇଏମଏମଟି), ଡକ୍ଟର ସୌଭିକ ମାଇତି (ନିର୍ଦ୍ଦେଶକ, ସିଏସଆଇଆର-ଆଇଜିଆଇବି), ଡକ୍ଟର ବିନୟ ନନ୍ଦିଗୁରୀ (ସ୍ୱାସ୍ଥ୍ୟସେବା ଦଳ ନିର୍ଦ୍ଦେଶକ, ସିଏସଆଇଆର-ସିସିଏମବି) ଏବଂ ଡକ୍ଟର ଦେବାଶିଷ ଦାଶ (ନିର୍ଦ୍ଦେଶକ, ବିଆରଆଇସି-ଆଇଏଲଏସ) ପ୍ରମୁଖଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପଦାଧିକାରୀଙ୍କ ସମେତ ସିଏସଆଇଆର ମୁଖ୍ୟାଳୟ ଏବଂ ସହଭାଗୀ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ନୂତନ ଫୁଟବଲ୍ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ ଆରମ୍ଭ

ରାଉରକେଲା, ୧୩।୧୧ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଏକ ନୂତନ ଫୁଟବଲ୍ ଖେଳପଡିଆ ନିର୍ମାଣ କାର୍ଯ୍ୟ ନଭେମ୍ବର ୪ ତାରିଖରେ ଉକ୍ତ ସ୍ଥାନରେ ଏକ ଭୂମିପୂଜନ ସମାରୋହ ଆୟୋଜନ ସହ ଆରମ୍ଭ ହୋଇଛି । ଉଲ୍ଲେଖନୀୟ ଯେ ଏହି ନୂତନ ଫୁଟବଲ୍ ପ୍ଲେ ଗ୍ରାଉଣ୍ଡ ଇସ୍ପାତ ଷ୍ଟାଡିୟମ ଏବଂ ହକି ଷ୍ଟାଡିୟମ ମଧ୍ୟରେ ଅବସ୍ଥିତ । ଏହି କାର୍ଯ୍ୟକ୍ରମ ଆରଏସପିର କ୍ରୀଡା ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହ କର୍ମଚାରୀ ଏବଂ ସହରବାସୀଙ୍କ ମଧ୍ୟରେ ଫିଟନେସ୍ ଏବଂ ମନୋରଞ୍ଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବେ ଉଭା ହେବ । ଏହି ସମାରୋହରେ ସହର ସେବା ଏବଂ ସି ଏସ ଆର ବିଭାଗର ସିଜିଏମ ଟିଜି କାନେକର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଆରଏସପିର ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ଟି ଜି କାନେକରଙ୍କ ଦ୍ୱାରା ପାରମ୍ପରିକ ପୂଜା ବିଧି ଅନୁଯାୟୀ ଆରମ୍ଭ ହୋଇଥିଲା, ଯାହା ନୂତନ ଫୁଟବଲ୍ ସୁବିଧାର ନିର୍ମାଣର ବିଧିବଦ୍ଧ ଆରମ୍ଭକୁ ସୂଚିତ କରିଥିଲା । ଏହା ପରେ କ୍ରୀଡା ବିଭାଗର ଅଧିକାରୀମାନଙ୍କ ଦ୍ୱାରା ପ୍ରକଳ୍ପ ଲେଆଉଟ୍ ଏବଂ ଏହାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରାଯାଇଥିଲା । ଏହି ଅବସରରେ, କାନେକର ଇସ୍ପାତ ସହରାଂଚଳରେ ବିଭିନ୍ନ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ସକ୍ରିୟ ପଦକ୍ଷେପ ପାଇଁ କ୍ରୀଡା ବିଭାଗର ପ୍ରଶଂସା କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରସ୍ତାବିତ ଫୁଟବଲ୍ ଗ୍ରାଉଣ୍ଡଟି ଆରଏସପିର କ୍ରୀଡା ଇକୋସିଷ୍ଟମକୁ ଆହୁରି ଉନ୍ନତ କରିବା ସହିତ ଇସ୍ପାତ ଷ୍ଟାଡିୟମ ଏବଂ ହକି ଷ୍ଟାଡିୟମରେ ପୂର୍ବରୁ ଉପଲବ୍ଧ ଚମତ୍କାର ସୁବିଧାଗୁଡ଼ିକୁ ମଧ୍ୟ ପୂରଣ କରିବାରେ ସହାୟକ ହେବ । ପ୍ରସ୍ତାବିତ ଫୁଟବଲ୍ ଗ୍ରାଉଣ୍ଡକୁ ଆଧୁନିକ ଡିଜାଇନର ମାନଦଣ୍ଡ ପୂରଣ କରିବା ପାଇଁ ଏକ ଅତ୍ୟାଧୁନିକ ସୁବିଧା ଭାବେ ପରିକଳ୍ପନା କରାଯାଇଛି । ଏଥିରେ ଏକ ପାଭିଲିଅନ୍, ଦର୍ଶକ ଗ୍ୟାଲେରୀ, ହାଇ-ମାଷ୍ଟ ଲାଇଟ, ପରିବର୍ତ୍ତନ କକ୍ଷ, ଶୌଚାଳୟ, ଅଭ୍ୟାସ କ୍ଷେତ୍ର ଏବଂ ଦର୍ଶକଙ୍କ ପାଇଁ ବସିବାର ବ୍ୟବସ୍ଥା ରହିବ । ଏହା ସହିତ, ବର୍ଷସାରା ବ୍ୟବହାର ଯୋଗ୍ୟତାକୁ ସୁନିଶ୍ଚିତ କରିବା ପାଇଁ ଏଥିରେ ଡ୍ରେନେଜ୍ ଏବଂ ଟର୍ଫ ପରିଚାଳନା ବ୍ୟବସ୍ଥା ସହିତ ସଜ୍ଜିତ ହେବ । ଏଥିରେ ନିର୍ମାଣ ସମାପ୍ତ ହେବା ପରେ, ଫୁଟବଲ୍ ଗ୍ରାଉଣ୍ଡ ଫୁଟବଲ୍ ଟୁର୍ନାମେଂଟ, ତାଲିମ ଅଧିବେଶନ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଏକ ସକ୍ରିୟ ସ୍ଥାନ ଭାବରେ ବିବେଚିତ ହେବ ବୋଲି ଆଶା କରାଯାଉଛି, ଯାହା କ୍ରୀଡା ଉତ୍କର୍ଷତାର କେନ୍ଦ୍ର ଭାବରେ ରାଉରକେଲାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ।

ସେଇଥୁ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୪ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ବୋମା ବିସ୍ଫୋରଣ ପରେ ୮ ଶ୍ରୀଲଙ୍କା ଖେଳାଳି ନିଜ ଦେଶକୁ ଫେରିଲେ

ଇସଲାମାବାଦ, ୧୩/୧୧(ନ୍ୟୁ.ଏ): ରାଜଧାନୀ ଇସଲାମାବାଦରେ ହୋଇଥିବା ବୋମା ବିସ୍ଫୋରଣ ଯୋଗୁଁ ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ସିରିଜର ଦ୍ୱିତୀୟ ଦିନିକିଆ ବାତିଲ କରାଯାଇଛି, ଯେଉଁଥିରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ । ବୋମା ବିସ୍ଫୋରଣ ପରେ ଶ୍ରୀଲଙ୍କା ଦଳ ଆତଙ୍କିତ ହୋଇପଡ଼ିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଗୁରୁବାର ଶ୍ରୀଲଙ୍କାର ୮ ଜଣ ଖେଳାଳି ସ୍ୱଦେଶ ଫେରିବାକୁ ନିଷ୍ପତ୍ତି ନେଇଥିଲେ । ରାୱଲପିଣ୍ଡିରେ ଗୁରୁବାର ହେବାକୁ ଥିବା ସିରିଜର ଦ୍ୱିତୀୟ ଦିନିକିଆ ବାତିଲ କରାଯାଇଛି । ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ସୂତ୍ର ଅନୁଯାୟୀ, ରାୱଲପିଣ୍ଡି ଏବଂ ଇସଲାମାବାଦ ନିକଟତର ହୋଇଥିବାରୁ ଖେଳାଳିମାନେ ସେମାନଙ୍କ ସୁରକ୍ଷା ବିଷୟରେ ଚିନ୍ତା ପ୍ରକଟ କରିଥିଲେ ଏବଂ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସିରିଜର ବାକି ମ୍ୟାଚ୍ ଖେଳିବା ପାଇଁ ଘରକୁ ଫେରିଥିବା ଖେଳାଳିଙ୍କ ସ୍ଥାନରେ ଅନ୍ୟ ଖେଳାଳିମାନଙ୍କୁ ପାକିସ୍ତାନ ପଠାଯିବ । ଇସଲାମାବାଦରେ ଶ୍ରୀଲଙ୍କା କ୍ରିକେଟ୍ ଦଳ ଉପରେ ହୋଇଥିବା ଆକ୍ରମଣ ସେମାନଙ୍କୁ ୨୦୦୯ ଆତଙ୍କବାଦୀ ଘଟଣାର ମନେ ପକାଇ ଦେଇଛି । ୨୦୦୯ ମସିହାରେ ଲାହୋରର ଗଦ୍ଦାଫି ଷ୍ଟାଡିୟମ ବାହାରେ ଆତଙ୍କବାଦୀମାନେ ଶ୍ରୀଲଙ୍କା ଦଳ ବସ୍ ଉପରେ ଆକ୍ରମଣ କରିଥିଲେ । ଅଧିନାୟକ ମାହେଲା ଜୟବର୍ଦ୍ଧନେ, ଅଜନ୍ତା ମେଣ୍ଡିସ୍ ଏବଂ ଚାମିଣ୍ଡା ଭାସଙ୍କ ସମେତ ଅନେକ ଖେଳାଳି ଆହତ ହୋଇଥିଲେ, ଯେତେବେଳେ ଅନେକ ପାକିସ୍ତାନୀ ସୁରକ୍ଷା କର୍ମୀ ନିହତ ହୋଇଥିଲେ । ସେହି ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନ କ୍ରିକେଟ୍ ସମ୍ପୂର୍ଣ୍ଣ ଧ୍ୱଂସ ପାଇଥିଲା । ପରବର୍ତ୍ତୀ ୧୦ ବର୍ଷ ପର୍ଯ୍ୟନ୍ତ କୌଣସି ବିଦେଶୀ ଦଳ ପାକିସ୍ତାନ ଗସ୍ତ କରି ନଥିଲା । ପାକିସ୍ତାନ ୟୁଏଇରେ ଏହାର ମ୍ୟାଚ୍ ଖେଳିଥିଲା । ୨୦୧୯ ମସିହାରେ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ପାକିସ୍ତାନ ଗସ୍ତ କରିଥିଲା, ଯାହା ବିଦେଶୀ ଦଳଗୁଡ଼ିକର ଫେରିବା ପାଇଁ ପଥ ଖୋଲି ଦେଇଥିଲା । ତଥାପି, ସଦ୍ୟତମ ଆକ୍ରମଣ ପୁଣି ଥରେ ପାକିସ୍ତାନରେ ଅନ୍ତର୍ଜାତୀୟ କ୍ରିକେଟ୍ ଆୟୋଜନ ଉପରେ ପ୍ରଶ୍ନ ଉଠାଇଛି । ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ ପରେ, ଏକ ତ୍ରିକୋଣୀୟ ଟି-୨୦ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀଲଙ୍କା ଏବଂ ପାକିସ୍ତାନ ବ୍ୟତୀତ ଜିମ୍ବାୱେ ଟି-୨୦ ସିରିଜରେ ତୃତୀୟ ଦଳ । ଇସଲାମାବାଦ ଆକ୍ରମଣ ତ୍ରିକୋଣୀୟ ଟି-୨୦ ସିରିଜ ବାତିଲ ହେବାର ଆଶଙ୍କା ବୃଦ୍ଧି ପାଇଛି ।

ଶେଖ ହାସିନାଙ୍କୁ ମୃତ୍ୟୁ ଦଣ୍ଡ ଦେବାର ପ୍ରସ୍ତୁତି, ସ୍ୱତନ୍ତ୍ର କୋର୍ଟ ଦେବେ ରାୟ

ଢାକା, ୧୩/୧୧(ନ୍ୟୁ.ଏ): ବାଂଲାଦେଶର ଅନ୍ତରୀଣ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଫାଶୀ ଦେବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଥିପାଇଁ ବାଂଲାଦେଶ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟିସି-ବିଡି) ମାନବିକତା ବିରୋଧରେ ହୋଇଥିବା ଅପରାଧରେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ନଭେମ୍ବର ୧୭ ରେ ରାୟ ପ୍ରଦାନ କରିବ ବୋଲି ଗୁରୁବାର ଦିନ ଘୋଷଣା କରିଛି । ଏହି ମାମଲାରେ ସରକାର ହସିନାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି । ରାଜଧାନୀ ଢାକାରେ କଡା ସୁରକ୍ଷା ମଧ୍ୟରେ ସ୍ୱତନ୍ତ୍ର କୋର୍ଟରେ ଉପସ୍ଥିତ ଜଣେ ସାମ୍ବାଦିକ କହିଛନ୍ତି, ତିନିଜଣିଆ ଖଣ୍ଡପୀଠ ଏହି ରାୟ ପାଇଁ ନଭେମ୍ବର ୧୭ ତାରିଖ ସ୍ଥିର କରିଛନ୍ତି । ଏହି ଘୋଷଣା ମଧ୍ୟରେ ହସିନାଙ୍କ ପୂର୍ବତନ ଆୱାମୀ ଲିଗ୍ ସରକାର ଢାକା ବନ୍ଦର ଆହ୍ୱାନ କରିଛି । ଯାହାଫଳରେ ସହରରେ ସୁରକ୍ଷା ବ୍ୟବସ୍ଥା ଚରମ ସ୍ଥିତିରେ ପହଁଚିଛି । ଏହି ମାମଲାରେ ଶେଖ୍ ହସିନା, ପଦଚ୍ୟୁତ ଗୃହମନ୍ତ୍ରୀ ଅସଦୁଜ୍ଜମାନ ଖାନ କମଲ ଏବଂ ତତ୍କାଳୀନ ପୋଲିସ ମହାନିରୀକ୍ଷକ (ଆଇଜିପି) ଚୌଧୁରୀ ଅବଦୁଲ୍ଲା ଅଲ-ମାମୁନଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିଥିଲା । ହସିନା ଏବଂ କମଲଙ୍କ ଉପରେ ତାଙ୍କ ଅନୁପସ୍ଥିତିରେ ବିଚାର କରାଯାଇଥିଲା ଏବଂ କୋର୍ଟ ସେମାନଙ୍କୁ ପଳାତକ ଘୋଷଣା କରିଥିଲେ । ଆଇସିଟି-ବିଡି ମୁଖ୍ୟ ପବ୍ଲିକ ପ୍ରସିକ୍ୟୁଟର ମହମ୍ମଦ ତାଜୁଲ ଇସଲାମ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଆବେଦନ କରିଥିଲେ । ପୂର୍ବତନ ପୋଲିସ ମୁଖ୍ୟ ମାମୁନ କୋର୍ଟରେ ବ୍ୟକ୍ତିଗତ ଭାବରେ ହାଜର ହୋଇଥିଲେ କିନ୍ତୁ ପରେ ସରକାରୀ ସାକ୍ଷୀ ହୋଇଥିଲେ । ରାୟ ତାରିଖ ସ୍ଥିର ହେବା ସମୟରେ ମାମୁନଙ୍କୁ କାଠଗଡ଼ାରେ ଠିଆ ହୋଇଥିବା ଦେଖାଯାଇଥିଲା । ୨୮ କାର୍ଯ୍ୟ ଦିବସର ଶୁଣାଣି ପରେ ଟ୍ରିବ୍ୟୁନାଲ୍ ଅକ୍ଟୋବର ୨୩ ତାରିଖରେ ମାମଲାକୁ ଚୂଡ଼ାନ୍ତ କରିଥିଲେ । ଏହି ସମୟ ମଧ୍ୟରେ, ୫୪ ଜଣ ସାକ୍ଷୀ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଥିଲେ । ଗତ ବର୍ଷ ଜୁଲାଇରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ କିପରି ପ୍ରୟାସ କରାଯାଇଥିଲା ତାହା ବର୍ଣ୍ଣନା କରିଥିଲେ । ବାଂଲାଦେଶର ଛାତ୍ର ଆନ୍ଦୋଳନ ୫ ଅଗଷ୍ଟ, ୨୦୨୪ରେ ହସିନାଙ୍କ ଆୱାମୀ ଲିଗ୍ ସରକାରକୁ କ୍ଷମତାରୁ ବହିଷ୍କାର କରିଥିଲା । ହସିନାଙ୍କ ସରକାରଙ୍କ ବିରୋଧରେ ପ୍ରତିବାଦକାରୀଙ୍କୁ ଦମନ କରିବାର ଅଭିଯୋଗ ରହିଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ହତ୍ୟା, ହତ୍ୟା ଉଦ୍ୟମ, ନିର୍ଯାତନା ଏବଂ ଅନ୍ୟାନ୍ୟ ଅମାନବୀୟ କାର୍ଯ୍ୟ ସମେତ ପାଂଚଟି ଧାରା ଅନୁଯାୟୀ ଅଭିଯୋଗ କରାଯାଇଛି ।

ଇରାନର ମିସାଇଲ କାର୍ଯ୍ୟକ୍ରମ ବନ୍ଦ କରିବାକୁ ଆମେରିକାର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ଆମେରିକା ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିବାକୁ ଚାହୁଁଛି । ଫଳସ୍ୱରୂପ, ଦେଶ ଏବେ ୩୨ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବୁଧବାର ଦିନ ଆମେରିକା ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ଭାରତ ସମେତ ୩୨ ଜଣ ବ୍ୟକ୍ତି ଏବଂ ସଂସ୍ଥା ଉପରେ ପ୍ରତିବନ୍ଧକ ଲଗାଇଛି । ଆମେରିକାର ଷ୍ଟେଟ୍ ଡିପାର୍ଟମେଂଟ କହିଛି ଯେ 'ଆଜିର କାର୍ଯ୍ୟାନୁଷ୍ଠାନ ସେପ୍ଟେମ୍ବର ୨୭ରେ ଇରାନ ଉପରେ ଜାତିସଂଘର କଟକଣା ଏବଂ ସୀମିତ ପଦକ୍ଷେପ ପୁନଃ ଲାଗୁ କରିବାକୁ ସମର୍ଥନ କରେ ।' ଷ୍ଟେଟ୍ ଡିପାର୍ଟମେଂଟ କହିଛି ଯେ, ଇରାନ, ସଂଯୁକ୍ତ ଆରବ ଏମିରେଟ୍ସ, ତୁର୍କୀ, ଚୀନ୍, ହଂକଂ, ଭାରତ, ଜର୍ମାନୀ ଏବଂ ୟୁକ୍ରେନରେ ଅବସ୍ଥିତ ୩୨ ଜଣ ବ୍ୟକ୍ତି ଏବଂ ସଂସ୍ଥା ଉପରେ କଟକଣା ଲଗାଯାଇଛି ।'ଏହି ନେଟୱାର୍କଗୁଡ଼ିକ ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ସହଯୋଗୀ କର୍ମଚାରୀମାନଙ୍କ ପାଇଁ ଏବଂ ବାଣିଜ୍ୟିକ ପରିବହନ ପାଇଁ ବିପଦ ସୃଷ୍ଟି କରୁଛି ବୋଲି ଷ୍ଟେଟ ଡିପାର୍ଟମେଂଟ ଏକ ବିବୃତିରେ କହିଛି । ଷ୍ଟେଟ ଡିପାର୍ଟମେଂଟ ଆହୁରି କହିଛି ଯେ, ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୟୁଏଭି କାର୍ଯ୍ୟକ୍ରମ ପାଇଁ ଉପକରଣ ଏବଂ ଯୋଗାଣ କ୍ରୟକୁ ରୋକିବା ପାଇଁ ଆମେରିକା ତୃତୀୟ ଦେଶରେ ଅବସ୍ଥିତ ସଂସ୍ଥାଗୁଡ଼ିକ ଉପରେ କଟକଣା ସମେତ ସମସ୍ତ ଉପଲବ୍ଧ ଉପକରଣ ବ୍ୟବହାର କରିବ, ଯାହା ଆଂଚଳିକ ସୁରକ୍ଷା ଏବଂ ଅନ୍ତର୍ଜାତୀୟ ସ୍ଥିରତାକୁ ବିପଦରେ ପକାଇଥାଏ । ଆମେରିକାର ଆର୍ଥିକ ଗୁପ୍ତଚର ବିଭାଗର ଉପ ସଚିବ ଜନ୍ କେ. ହର୍ଲି କହିଛନ୍ତି ଯେ, 'ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶରେ, ଆମେ ଇରାନର ପରମାଣୁ ବିପଦକୁ ଦୂର କରିବା ପାଇଁ ଇରାନ ଉପରେ ସର୍ବାଧିକ ଚାପ ପ୍ରୟୋଗ କରୁଛୁ । ଆମେରିକା ମଧ୍ୟ ଆଶା କରେ ଯେ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଇରାନ ଉପରେ ପୁନଃ ଲାଗୁ ହୋଇଥିବା ଜାତିସଂଘର କଟକଣାକୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବ, ଯାହା ଦ୍ୱାରା ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ଏହାର ପ୍ରବେଶକୁ ବନ୍ଦ କରିଦେବ ।'

୨୦ରୁ ଆରମ୍ଭ ହେବ ଖରିଫ ଧାନ କିଣା

ଭୁବନେଶ୍ୱର, ୧୩/୧୧ (ଆ.ପ୍ର) : ଆସନ୍ତା ୨୦ରୁ ଆରମ୍ଭ ହେବ ଖରିଫ ଧାନ କିଣା । ବରଗଡ଼ ଜିଲ୍ଲାରୁ ଧାନ କିଣା ଆରମ୍ଭ ହେବ । ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି । ଦୁଇ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ପାଇଁ ନିଷ୍ପତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଚଳିତ ଆର୍ଥିକ ବର୍ଷରେ ୮୦ଟି ସମବାୟ ସମିତିରେ ୨୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ପାଇଁ ୨୦ କୋଟିର ବ୍ୟୟ ବରାଦ ହୋଇଛି । ୯୭୩ଟି ସମବାୟ ସମିତି, ଜରଡରେ ୫୧୬ କୋଟି ଟଙ୍କା ବ୍ୟୟରେ ଭିତିଭୂମି ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ସୂଚନା ଥାଉକି, ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି । ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ମିଡିଲ ମ୍ୟାନ୍ ଫାଇଦା ନନେବା ପାଇଁ ଇ-କେୱାଇସି ଲାଗୁ କରାଯାଇଛି । ଗତବର୍ଷ ଠାରୁ ଧାନର ମୂଲ୍ୟ କୁଇଂଟାଲ୍ ପ୍ରତି ୩୧ ଶହ ଟଙ୍କାକୁ ବଢ଼ିଥିବାରୁ ଏବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିବାକୁ ଆଗ୍ରହୀ ଥିଲେ । ମାତ୍ର ଉତରାଧିକାରୀ ପ୍ରମାଣପତ୍ର ଭାବେ ବଂଶାବଳି ପ୍ରମାଣପତ୍ର ଓ ଅନୁମତିପତ୍ରର ଗୋଳକଧନ୍ଦା ଭିତରେ ଚାଷୀ ନୟାନ୍ତ ହୋଇପଡ଼ିଥିଲେ । ଆରଆଇଙ୍କ ଠାରୁ ବଂଶାବଳୀ ପ୍ରମାଣପତ୍ର ଆଣିବା ଓ ଭାଇ ଭାଇ ବିବାଦରେ ଅନୁମତିପତ୍ର ଆଣିବା ଜଟିଳ ବ୍ୟବସ୍ଥା ଭିତରେ ଚାଷୀ ହନ୍ତସନ୍ତ ହୋଇଥିଲେ । ଅନେକ ଚାଷୀ ଏହି ସମସ୍ୟା କାରଣରୁ ପଞ୍ଜୀକରଣ କରିପାରିନଥିଲେ । ଅସନ୍ତୋଷ ବଢ଼ିବା ପରେ ଅନୁମତି ଆବଶ୍ୟକ ନାହିଁ 'ସ୍ୱ-ଘୋଷଣାପତ୍ର' ଦେଇ ପଞ୍ଜୀକରଣ ହୋଇପାରିବ ବୋଲି ଘୋଷଣା ହୋଇଥିଲା । ଏହାପର ଠାରୁ ପଞ୍ଜୀକରଣ ଦ୍ରୁତଗତିରେ ବଢ଼ିଚାଲିଲା । ଚାଷୀ 'ସ୍ୱ-ଘୋଷଣାପତ୍ର' ଦେଇ ପଞ୍ଜୀକରଣ କରିଥିଲେ ।

ନୂଆପଡ଼ା ଉପନିର୍ବାଚନ: ଆଜି ଫଳାଫଳ

ନୂଆପଡ଼ା : ରାତି ପାହିଲେ ନୂଆପଡ଼ା ଉପନିର୍ବାଚନ ପାଇଁ ହୋଇଥିବା ମତଦାନର ଗଣତି ହେବ । ଷ୍ଟ୍ରଙ୍ଗ ରୁମରେ ସିଲ୍ ହୋଇଥିବା ଇଭିଏମ୍ ଖୋଲାଯିବ । ଶୁକ୍ରବାର ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ ଏବଂ ଭୋଟ୍ ଗଣତି ଶେଷ ହେଲା ପରେ ଫଳାଫଳ ପ୍ରକାଶ ପାଇବ । ଏଥି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚି । ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଇଛି । ଭୋଟ୍ ଗଣତି ନେଇ ଜିଲ୍ଲାପାଳ ମଧୁସୂଦନ ଦାସ ସାମ୍ବାଦିକ ସମ୍ମିଳନୀରେ ଗୁରୁବାର କହିଛନ୍ତି, ଚଳିତ ନୂଆପଡ଼ା ଉପନିର୍ବାଚନରେ ୨,୫୪,୪୮୭ ଜଣ ମତଦାତା ଥିଲେ । ସେମାନଙ୍କର ମଧ୍ୟରୁ ମୋଟ୍ ୨,୧୨,୩୮୫ଜଣ ମତଦାନ କରିଥିଲେ । ଏଥିରେ ପୁରୁଷ ସଂଖ୍ୟା ୧,୦୩,୮୧୭ ଥିବା ବେଳେ ୧,୦୮,୫୬୩ ଜଣ ମହିଳା ଥିଲେ । ସେହିପରି ଅନ୍ୟ ବର୍ଗର ମତଦାତା ମାନଙ୍କର ସଂଖ୍ୟା ୫ଥିଲା । ମୋଟ ୮୩.୪୫% ମତଦାନ ହୋଇଛି । ନୂଆପଡ଼ାରେ ଗତ ୧୧ ତାରିଖ ଦିନ ଶାନ୍ତି ଶୃଙ୍ଖଳାର ସହିତ ଭୋଟିଂ ହୋଇଥିଲା । ଏହା ସୂଚାରୁ ରୂପେ ସଂପର୍ଣ୍ଣ ହୋଇଥିଲା ।ଜିଲ୍ଲା ପୁଲିସ ଏବଂ କେନ୍ଦ୍ରୀୟ ପୁଲିସ ସୁରକ୍ଷା ଦେଇଥିଲେ । କୌଣସି ସ୍ଥାନରେ ବିଶୃଙ୍ଖଳା ହୋଇ ନଥିଲା । ସୁରକ୍ଷା ବ୍ୟବସ୍ଥା ଭଲ କରାଯାଇଥିଲା । ଆସନ୍ତା ୧୪ ତାରିଖରେ ମତ ଗଣତି ହେବ । ସମସ୍ତ ପୋଲ ଇଭିଏମ ସିଲ ହୋଇ ଷ୍ଟ୍ରଙ୍ଗରୁମ୍‌ରେ ରହିଛି । ଏହାକୁ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଇଭିଏମକୁ ଲାଗିଥିବା ସୁରକ୍ଷା ବ୍ୟବସ୍ଥା ସେଂଟ୍ରାଲ ଆର୍ମ ପୁଲିସ ଫୋର୍ସ (ସିଏପିଏଫ୍) ତତ୍ତ୍ୱାବଧାନରେ ଅଛି । ଆସନ୍ତାକାଲି ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ସକାଳ ୮ଟାରେ ଆରମ୍ଭ ହେବ । ୮ଟା ୩୦ରେ ଇଭିଏମ୍ ଗଣତି ଆରମ୍ଭ ହେବ । ୩୫୮ ଟି ବୁଥରେ ମତ ଗଣତି ହେବ । ଏଥି ପାଇଁ ୧୪ଟି ଟେବୁଲ କରାଯାଇଛି । ୨୬ଟି ରାଉଣ୍ଡରେ ଭୋଟ୍ ଗଣତି ହେବ । ଆଶା କରୁଛୁ ମତଦାନ ସୁରୁଖୁରୁରେ ହେବ । ଆରକ୍ଷୀ ଅଧୀକ୍ଷକ ଅମିତ ପାଲ୍ ସିଂହ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି, ଆସନ୍ତାକାଲି ଆମ ପାଇଁ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ସମୟ ହେବ । ନୂଆପଡ଼ା ଉପନିର୍ବାଚନ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଗଣତି ସମୟରେ ସିଏପିଏଫ, ବିଏସ୍ଏଫ, ଏସ୍ଏପି ଓ ରାଜ୍ୟ ପୁଲିସ ମୁତୟନ ରହିବେ । ଗଣତିସ୍ଥଳକୁ ବାହାରକୁ ଛଡ଼ାଯିବ ନାହିଁ । ଟ୍ରାଫିକ୍ କଟକଣା ଜାରି କରାଯାଇଛି ।

୯ ସଂସ୍ଥାର ଚଳାଉଥିଲେ ଅଲ ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା

ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ଦିଲ୍ଲୀ ବିସ୍ଫୋରଣ ପରେ ସମସ୍ତଙ୍କ ଫୋକସରେ ଅଲ ଫଲାହ ବିଶ୍ୱବିଦ୍ୟାଳୟ । ଲାଲକିଲ୍ଲା ଆତ୍ମଘାତୀ ହମଲାର ତଦନ୍ତ ପରିସରକୁ ଆସିଛନ୍ତି ଫରିଦାବାଦରେ ଥିବା ଅଲ ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଟ୍ରଷ୍ଟି ଜାଭେଦ ଅହମଦ ସିଦ୍ଦିକୀ । ଅଲ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଡାକ୍ତର ମୁଜାମିଲ ଶକୀଲ ଓ ଡାକ୍ତର ଶାହୀନ ସୟିଦ ଏବେ ଗିରଫ ହୋଇଛନ୍ତି । ବିଶ୍ୱବିଦ୍ୟାଳୟର ଆଉ ଜଣେ ଡାକ୍ତର ଉମର ନବି ସୋମବାର ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଛି । ଏଥିପାଇଁ ଲାଲକିଲ୍ଲା ବିସ୍ଫୋରଣ ସହ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଓ ଏହାର ପ୍ରତିଷ୍ଠାତାଙ୍କ କି ଲିଙ୍କ ରହିଛି, ତା'ର ଖୋଳତାଡ଼ ଆରମ୍ଭ କରିଛି । ସେହିପରି ବିଶ୍ୱବିଦ୍ୟାଳୟର ପାଣ୍ଠି ସମ୍ପର୍କରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଯାଂଚ କରୁଛି । ଅଲ ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଜାଭେଦ ଅହମଦଙ୍କ ବିଶାଳ ବ୍ୟବସାୟିକ ସାମ୍ରାଜ୍ୟ ରହିଛି । ଏକଦା ୭.୫ କୋଟି ଠକେଇ ମାମଲାରେ ତାଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଥିଲା । ଠକେଇ ମାମଲା ପାଇଁ ଜାଭେଦ ଓ ତାଙ୍କର ସହଯୋଗୀଙ୍କୁ ୩ ବର୍ଷର ଜେଲଦଣ୍ଡ ମିଳିଥିଲା । ଏବେ ଏହାକୁ ମଧ୍ୟ ପୁଲିସ୍ ଦୃଷ୍ଟିରେ ରଖି ତଦନ୍ତ କରୁଛି । ଏସବୁ ଭିତରେ ବିଶ୍ୱବିଦ୍ୟାଳୟର ଆଇନଗତ ପରାମର୍ଶଦାତା ମହମ୍ମଦ ରାଜି ସମସ୍ତ ପ୍ରକାରର ଠକେଇ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେହିପରି ଡାକ୍ତର ମୁଜାମିଲ ଶକୀଲର ନିଯୁକ୍ତିକୁ ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନଥିବା ମଧ୍ୟ ସେ କହିଛନ୍ତି । ଅଲ ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଜାଭେଦ ଅହମଦ ସିଦ୍ଦିକୀଙ୍କ ଜନ୍ମ ପ୍ରଦେଶର ମହୁରେ । ତାଙ୍କ ଅଧୀନରେ ମୋଟ ୯ଟି କମ୍ପାନୀ ବା ସଂସ୍ଥା ରହିଥିଲା । ସବୁ କିଛି ଅଲ ଫଲାହ ଚ୍ୟାରିଟେବୁଲ ଟ୍ରଷ୍ଟ ସହ ଜଡ଼ିତ । ଏହି ଟ୍ରଷ୍ଟ ହିଁ ବିଶ୍ୱବିଦ୍ୟାଳୟକୁ ପରିଚାଳନା କରେ । ଶିକ୍ଷା, ସଫ୍ଟୱେୟାର, ଆର୍ଥିକ ସେବା ଓ ଶକ୍ତି ଭଳି ୯ କ୍ଷେତ୍ର ସହ ଜାଭେଦଙ୍କ ବ୍ୟବସାୟ ଜଡ଼ିତ । ତେବେ ଅଧିକାଂଶ କ୍ଷେତ୍ରର ଠିକଣା ଗୋଟିଏ ରହିଥିବାରୁ ଏହା ଉପରେ ଅନେକ ପ୍ରଶ୍ନ ଉଠାଇଛନ୍ତି । ଅଧିକାଂଶ କମ୍ପାନୀର ଠିକଣା ଦିଲ୍ଲୀର ଜାମିଆ ନଗରର ଅଲ ଫଲାହ ହାଉସ ବୋଲି ଉଲ୍ଲେଖ ରହିଛି ।

ପୁଣି ଇସ୍କନର ମନମାନି: ଆସନ୍ତା ୨୩ ତାରିଖ ଦିନ ଆୟୋଜିତ ହେବ ଅଦିନିଆ ରଥଯାତ୍ରା

ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ପୁଣି ଇସ୍କନର ମନମାନି । ଆସନ୍ତା ୨୩ ତାରିଖ ରବିବାର ଦିନ ଆୟୋଜିତ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା । ତାଇୱାନର କିମେଣ୍ଡିଙ୍ଗ ଏମଆରଟି ଏକ୍ଜିଟ ୬ରେ ଆୟୋଜିତ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା । ଏନେଇ ଇସ୍କନ ଅନୁଗାମୀ ଏବଂ ଜଗନ୍ନାଥ ପ୍ରେମୀଙ୍କୁ ଅନଲାଇନ ମାଧ୍ୟମରେ ସୂଚନା ଦିଆଯାଇଛି । ଏହି ଅବସରରେ ସାଂସ୍କୃତିକ, କୀର୍ତ୍ତନ, ଯୋଗ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ । ତେବେ ଏହି ଘଟଣାକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି କ୍ଷ ଇସ୍କନ ଏପରି ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଥିବାକୁ ଜଗନ୍ନାଥ ପ୍ରେମୀ ଓ ସେବାୟତ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ନୂଆଦିଲ୍ଲୀରେ ଇଜିପ୍ଟୀୟ ସଂଗ୍ରହାଳୟର ଉଦଘାଟନ

ନୂଆଦିଲ୍ଲୀ, ୧୩/୧୧(ନ୍ୟୁ.ଏ): ଇଜିପ୍ଟ ଦୂତାବାସ ପକ୍ଷରୁ ଭାରତର ଇଜିପ୍ଟ ହାଉସରେ ବିଶ୍ୱର ସର୍ବବୃହତ ସଂଗ୍ରହାଳୟ - ଗ୍ରାଣ୍ଡ ଇଜିପ୍ଟୀୟ ସଂଗ୍ରହାଳୟର ଉଦଘାଟନ ଉତ୍ସବ ପାଳନ କରାଯାଇଛି । ଭାରତରେ ଇଜିପ୍ଟର ରାଷ୍ଟ୍ରଦୂତ ମହାମହିମ କାମେଲ ଗାଲାଲ ଏବଂ ଶ୍ରୀମତୀ ରେହାମ ହାଣ୍ଡୌସାଙ୍କ ନେତୃତ୍ୱରେ ଏହି ଉତ୍ସବ ଇଜିପ୍ଟର ସାଂସ୍କୃତିକ ମହତ୍ୱ ଏବଂ ଭାରତ ସହିତ ଏହାର ବଢୁଥିବା ସମ୍ପର୍କକୁ ସୁନ୍ଦର ଭାବରେ ପ୍ରତିପାଦିତ କରିଥିଲା । ଏହି କାର୍ଯ୍ୟକ୍ରମ ଇଜିପ୍ଟ ଏୟାର ଏବଂ ସୋପାନ ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା । ଏହି ଉତ୍ସବ କୂଟନୈତିକ ସମ୍ପ୍ରଦାୟର ବିଶିଷ୍ଟ ସଦସ୍ୟ, ପ୍ରମୁଖ ବ୍ୟବସାୟିକ ବ୍ୟକ୍ତିତ୍ୱମାନଙ୍କୁ ଏକତ୍ର କରିଥିଲା । ସନ୍ଧ୍ୟାର ଶୁଭାରମ୍ଭ ଗ୍ରାଣ୍ଡ ଇଜିପ୍ଟୀୟ ସଂଗ୍ରହାଳୟ ଉପରେ ଏକ ଦୃଶ୍ୟମାନ ଚମତ୍କାର ଚଳଚ୍ଚିତ୍ର ସହିତ ହୋଇଥିଲା, ତା'ପରେ ଶିବାନୀ ବର୍ମାଙ୍କ ଦ୍ୱାରା କଥକ ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ଭାରତୀୟ ଶାସ୍ତ୍ରୀୟ ସୌନ୍ଦର୍ଯ୍ୟ ଏବଂ ଫାରୋନିକ୍ ପ୍ରେରଣାର ମିଶ୍ରଣ କରାଯାଇଥିଲା । ଏହି ଅବସରରେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ଇଜିପ୍ଟୀୟ କଳାକାର ଅହମ୍ମଦଙ୍କ ଦ୍ୱାରା ଏକ ଚମତ୍କାର ତାନୋରା ନୃତ୍ୟ ଦର୍ଶକଙ୍କୁ ଆହୁରି ବିମୋହିତ କରିଥିଲା । ବିମାନ ସଂଯୋଗ ଏବଂ ଆତିଥ୍ୟ ଇଜିପ୍ଟିରେ ଏକ ମୂଲ୍ୟବାନ ଅଂଶୀଦାର, ଆକାଉଡ୍ ଏଭିଏସନ, ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯେଉଁଥିରେ ସମ୍ପୃକ୍ତ ବିମାନ ଚଳାଚଳ, ପର୍ଯ୍ୟଟନ ଏବଂ ବିଶ୍ୱ ଭ୍ରମଣ ଅଭିଜ୍ଞତା କ୍ଷେତ୍ରରେ ଭାରତ ଏବଂ ଇଜିପ୍ଟ ମଧ୍ୟରେ ଗଭୀର ସହଯୋଗକୁ ଗୁରୁତ୍ୱାରୋପ କରିଥିଲା ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ : ଡକ୍ଟର ଜିତେନ୍ଦ୍ର ସିଂ

ଭୁବନେଶ୍ୱର, ୧୩।୧୧ : ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ଭୁବନେଶ୍ୱର ସ୍ଥିତ ସିଏସଆଇଆର-ଆଇଏମଏମଟି ଠାରେ ଲଙ୍ଗିଚ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ- କୋହୋର୍ଟ କନେକ୍ଟକୁ ଉଦଘାଟନ କରି ସେ ଏହା କହିଛନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘ କାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ । ଡକ୍ଟର ସିଂ ଆହୁରି କହିଛନ୍ତି, ''ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍ । କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଏହା ସ୍ୱାସ୍ଥ୍ୟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଏବିଂ ଜୀବନ ଶୈଳୀ କାରକଗୁଡ଼ିକ ଉପରେ ଧ୍ୟାନକେନ୍ଦ୍ରିତ କରିଥାଏ । ଏହି ସମ୍ମିଳନୀରେ ଡକ୍ଟର ରାମାନୁଜ ନାରାୟଣ (ନିର୍ଦ୍ଦେଶକ, ସିଏସଆଇଆର-ଆଇଏମଏମଟି), ଡକ୍ଟର ସୌଭିକ ମାଇତି(ନିର୍ଦ୍ଦେଶକ, ସିଏସଆଇଆର-ଆଇଜିଆଇବି), ଡକ୍ଟର ବିନୟ ନନ୍ଦିକୁରୀ(ସ୍ୱାସ୍ଥ୍ୟସେବା ଦଳ ନିର୍ଦ୍ଦେଶକ, ସିଏସଆଇଆର-ସିସିଏମବି) ଏବଂ ଡକ୍ଟର ଦେବାଶିଷ ଦାଶ(ନିର୍ଦ୍ଦେଶକ, ବିଆରଆଇସି-ଆଇଏଲଏସ) ପ୍ରମୁଖଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପଦାଧିକାରୀଙ୍କ ସମେତ ସିଏସଆଇଆର ମୁଖ୍ୟାଳୟ ଏବିଂ ସହଭାଗୀ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଏବିଂ ଅଧିକାରୀମାନେ ଉପସ୍ଥିତ ଥିଲେ । ଏମାନଙ୍କ ବ୍ୟତୀତ ଡକ୍ଟର ଏନ.କେ. ଗାଙ୍ଗୁଲି, ଡକ୍ଟର କୃଷ୍ଣ ଚେଲ୍ଲା, ଡକ୍ଟର ଶାନ୍ତନୁ ବସୁଗୁପ୍ତା, ଡକ୍ଟର ଏ.ବି. ଦେ, ଡକ୍ଟର ନିଖିଳ ଟଣ୍ଡନ ଏବଂ ଡକ୍ଟର ବିବେକାନନ୍ଦ ଝା ଏବଂ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das